ବିଦ୍ୟାଳୟ ନେତୃତ୍ୱ

TESS India

# ଶିକ୍ଷଣ - ଶିକ୍ଷାଦାନ ପ୍ରକ୍ରିୟାର ରୁପାନ୍ତରଣ : ବିଦ୍ୟାଳୟରେ ସମସ୍ତଙ୍କୁ ସାମିଲ କରିବା ପାଇଁ ପ୍ରୋତ୍ସାହନ

## Transforming teaching-learning process: promoting inclusion in your school





ଭାରତରେ ବିଦ୍ୟାଳୟ ଭିତ୍ତିକ ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

The Open University
UKaid from the British people

cc BY SA
http://creativecommons.org/licenses/

ଏହି ବିଦ୍ୟାଳୟ ନେତୃତ୍ୱ ସମ୍ବନ୍ଧୀୟ ମୁକ୍ତ ଶିକ୍ଷଣ ସମ୍ବଳଟି ଟେସ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ହୋଇଥିବା 'ବିଦ୍ୟାଳୟ ନେତୃତ୍ୱ' ସମ୍ବନ୍ଧୀୟ ୨୦ଟି ପୁସ୍ତିକା ମଧ୍ୟରୁ ଅନ୍ୟତମ। ଏହି ପୁସ୍ତିକାଗୁଡ଼ିକ ବିଦ୍ୟାଳୟରେ ନେତୃତ୍ୱ ନେଉଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷଣ ଓ ବୃତ୍ତିଗତରେ ଉନ୍ନତି ଆଣି ଶ୍ରେଣୀ କକ୍ଷରେ ପାଠପଢ଼ାରେ ସହାୟତା କରିବ। ଏହି ପୁସ୍ତିକାଗୁଡ଼ିକ ବିଭିନ୍ନ ସିଦ୍ଧାନ୍ତ ଓ ପରିଚାଳନା ସମ୍ବନ୍ଧୀୟ ଅଭିଜ୍ଞତାକୁ ଭିତ୍ତିକରି ପ୍ରସ୍ତୁତ କରାଯାଇଛି। ଏହି ପୁସ୍ତିକାରେ ଦିଆଯାଇଥିବା ତଥ୍ୟକୁ ବିଦ୍ୟାଳୟର ନେତୃତ୍ୱ, ଶିକ୍ଷକ ଓ ସହାୟକ କର୍ମୀମାନେ ଅଭ୍ୟାସରେ ଆଣିଲେ ବିଦ୍ୟାଳୟରେ ସାମୁହିକ ଉନ୍ନତି ଆସିପାରିବ। ଏହି ପୁସ୍ତିକାଗୁଡ଼ିକ ପଠନ ପାଇଁ ଏକ ବିଦ୍ଧିବଧ ଖସଡା ପ୍ରସ୍ତୁତ କରିବାର ଆବଶ୍ୟକତା ଯଦିଓ ନାହିଁ ତଥାପି "ବିଦ୍ୟାଳୟର ମୁଖ୍ୟ ଜଣେ ସାମର୍ଥ୍ୟକାରୀ" ପୁସ୍ତିକାରୁ ପଠନ ଆରମ୍ଭ କରାଯାଇପାରେ। ଏହି ପୁସ୍ତିକାଗୁଡ଼ିକ ନିଜସ୍ୱ ପଠନ ପାଇଁ ଉଦ୍ଦିଷ୍ଟ ଓ ଏହାକୁ ନିଜର ପାଠାଗାରାରେ ରଖାଯାଇପାରେ। ଏହି ପୁସ୍ତିକାଗୁଡିକ ବିଦ୍ୟାଳୟ ନେତୃତ୍ୱ ନେଉଥିବା ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ଉପ ପ୍ରଧାନ ଶିକ୍ଷକ କିମ୍ବା ଅନ୍ୟ ଶିକ୍ଷକ ଯେଉଁମାନେ ବିଦ୍ୟାଳୟ ନେତୃତ୍ୱରେ ସାମିଲ ଅଛନ୍ତି ସେମାନଙ୍କ ପାଇଁ ଉଦ୍ଦିଷ୍ଟ।

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/) ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

**ଭିଡ଼ିଓ ସମ୍ବଳ ସମୂହ**

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ 1.0 ବିଦ୍ୟାଳୟ ନେତୃତ୍ୱ 13
Odisha

ଏହି ସଂକରଣଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ବିଦ୍ୟାଳୟ ନେତୃତ୍ୱ ସଂକଳନର ଏକ ଭାଗ ଅଟେ। ମୂଳ ଇଂରାଜୀ ଲେଖାକୁ ଡକ୍ଟର ମମତା ସ୍ୱାଇଁ ଓଡ଼ିଆ ଭାଷାରେ ଭାଷାନ୍ତର କରିଛନ୍ତି। ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ / ଲେଖ http:// creativecommons.org/ licenses/by-sa/3.0/ ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ।

TESS-India is led by The Open University UK and funded by UK aid from the UK government

# ଏହି ଏକକରେ କ'ଣ ଅଛି

ଗତ ଦୁଇ ଦଶନ୍ଧି ଧରି ଭାରତ ସମେତ ପୃଥିବୀର ବିଭିନ୍ନ ଦେଶ ଶିକ୍ଷାର ସମସ୍ତ କ୍ଷେତ୍ରରେ ଲିଙ୍ଗୀୟ ତଥା ସାମାଜିକ ପ୍ରତିବନ୍ଧକଗୁଡ଼ିକୁ ମୁକାବିଲା କରିବା ପାଇଁ ନିଜ ନିଜର ପ୍ରତିବଦ୍ଧତା ଆରମ୍ଭ କରିଛନ୍ତି । ଏହି ଅବଧିର ବିଶେଷତ୍ୱ ହେଉଛି ଗୁଣାତ୍ମକ ଶିକ୍ଷା ଗଠନରେ ସମ୍ବଳିତ ଉଲ୍ଲେଖନୀୟ ପରିବର୍ତ୍ତନକୁ କିପରି ଶିକ୍ଷକମାନଙ୍କ ପାଇଁ ଓ ଶିକ୍ଷକମାନଙ୍କ ଦ୍ୱାରା ପ୍ରଦାନ କରାଯାଇପାରିବ । ଏହି ପରିବର୍ତ୍ତନର ଧାରାର ସଂକ୍ଷିପ୍ତ ସାଂରାଶ ଏହିପରି:

- ଅସଂଗତିକୁ ଦୂର କରିବା ପାଇଁ ବ୍ୟାପକ ଗୁରୁତ୍ୱ
- ସମସ୍ତଙ୍କ ପାଇଁ ଶିକ୍ଷାରେ ସମାନ ଅଧିକାର
- ଶିଶୁ-କୈନ୍ଦ୍ରିକ – ପ୍ରୟୋଜନ ଭିତ୍ତିକ ଶିକ୍ଷା
- ଶିକ୍ଷଣ ପ୍ରକ୍ରିୟାରେ ପ୍ରତ୍ୟେକ ଶିଶୁର ସର୍ବାଧିକ ଅଂଶଗ୍ରହଣ

ଭାରତର ପ୍ରମୁଖ ନୀତି ଦସ୍ତାବିଜରେ ଏହି ଧାରା ପ୍ରତିଫଳିତ। ଯେପରି କି, ଜାତୀୟ ଶିକ୍ଷାନୀତି (1986) ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ (୧୯୮୮) ଏବଂ ପରିବର୍ତ୍ତିତ ଜାତୀୟ ଶିକ୍ଷା କାର୍ଯ୍ୟକ୍ରମ ତଥା ପ୍ରୋଗ୍ରାମ୍ ଅଫ୍ ଏକସନ (୧୯୯୨) ଆଦି।

ନିକଟ ଅତୀତର ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ଏକ ସାମଗ୍ରିକ ଆଭିମୁଖ୍ୟ ପ୍ରଦାନ କରେ । ଯାହାକି ସମସ୍ତ ଶିଶୁମାନଙ୍କୁ ଗୁଣାତ୍ମକ ଅନ୍ତର୍ନିବେଶୀ ଶିକ୍ଷା ପ୍ରଦାନ ପାଇଁ ଉପାୟମାନଙ୍କୁ ସନ୍ନିବେଶିତ କରିଛି । ଏହା ସ୍ପଷ୍ଟ ରୂପେ ଶିକ୍ଷକମାନଙ୍କଠାରୁ ଆଶା କରୁ ନିମ୍ନମତେ ଉଲ୍ଲେଖ କରେ।

- ପ୍ରତ୍ୟେକ ଶିଶୁର ଅନନ୍ୟ ଶିକ୍ଷଣ ଆବଶ୍ୟକତା ପ୍ରତି ସମ୍ବେଦନଶୀଳ ହେବ।
- ଶିଶୁ କୈନ୍ଦ୍ରିକ, ସାମାଜିକ ଦୃଷ୍ଟିରୁ ପ୍ରାସଙ୍ଗିକ ଏବଂ ଶିକ୍ଷାଦାନ / ଶିକ୍ଷଣରେ ସମଅଧିକାର ପ୍ରଦାନ।
- ସେମାନଙ୍କର ସାମାଜିକ ଏସଂ ସଂସ୍କୃତିକ ସନ୍ଦର୍ଭରେ ଥିବା ବିବିଧତାକୁ ବୁଝିବା ।

ଶିକ୍ଷାର୍ଥୀମାନେ ତାଙ୍କ ସହିତ ବିଦ୍ୟାଳୟକୁ ଧରି ଆସୁଥିବା ଅସଂଖ୍ୟ ଦାବି ଓ ପ୍ରତ୍ୟାଶାଗୁଡ଼ିକ ନ ବୁଝି ଏବଂ ସେଗୁଡ଼ିକ ପ୍ରତି ସମ୍ବେଦନଶୀଳ ନ ହୋଇ କୌଣସି ଶିକ୍ଷକ ବୃତ୍ତିଗତ ଭାବରେ ଆଜି ସଫଳ ହୋଇପାରିବନାହିଁ। ଶିକ୍ଷକମାନେ ଜାତି, ଗୋଷ୍ଠୀ, ଧର୍ମ, ଲିଙ୍ଗ ବା ଅକ୍ଷମତା ନିର୍ବିଶେଷରେ ସମସ୍ତ ଶିଶୁଙ୍କୁ ସଂପୃକ୍ତ ରଖିବା ଏବଂ ଅର୍ଥପୂର୍ଣ୍ଣ ଶିକ୍ଷଣ ସୁଯୋଗ ପ୍ରଦାନ କରିବାରେ ସମର୍ଥ ହେବା ଉଚିତ।

ଜାତି, ବର୍ଣ୍ଣ ଓ ଧର୍ମ ଓ ସାମାଜିକ ଶ୍ରେଣୀ ନିର୍ବିଶେଷରେ ଶିକ୍ଷା ଅଧିକାର ନିୟମ ୨୦୦୯ ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଗୁଣାତ୍ମକ ଶିକ୍ଷଣର ବ୍ୟବସ୍ଥା କରିଛି। ଏହାକୁ ଭୌତିକ ଓ ଶୈକ୍ଷିକ ବାତାବରଣ, ପାଠ୍ୟକ୍ରମ ଓ ଶିକ୍ଷା ବିଜ୍ଞାନ ଅଭ୍ୟାସର ପୁନର୍ଜଳନ ଦ୍ୱାରା ଦୃଢ଼ିକରଣ କରୁଛି।

ଏକ ଶିକ୍ଷଣ ଗବେଷଣା ସଂସ୍ଥା ନିଶ୍ଚିତ କରିଛି ଯେ, ଶିକ୍ଷକମାନଙ୍କ କୌଶଳ, ମନୋବୃତ୍ତି ଓ ପ୍ରେରଣା ହିଁ ଉଲ୍ଲେଖନୀୟ ଭାବରେ ସୁବିଧା ସୁଯୋଗରୁ ବଞ୍ଚିତ ଓ ଅବହେଳିତ ଶିଶୁମାନଙ୍କ ନିୟୋଜନ ଅଂଶଗ୍ରହଣ ଏବଂ ଉପଲବ୍ଧିକୁ ବୃଦ୍ଧି କରିପାରିବ।

ଏକ ଅନ୍ତର୍ନିବେଶୀ ଶ୍ରେଣୀଗୃହ ପରିସ୍ଥିତିରେ ସମଧିକାର ଶିକ୍ଷା ପ୍ରଦାନକୁ ପ୍ରୋତ୍ସାହିତ କରିବାରେ ଜଣେ ବିଦ୍ୟାଳୟ ମୁଖ୍ୟଙ୍କର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ। ସର୍ବପ୍ରଥମେ ଏହା ପ୍ରୟୋଜନୀୟ ପ୍ରଦର୍ଶଣୀୟ ଯେ ଜଣେ ବିଦ୍ୟାଳୟର ମୁଖ୍ୟ।

- ବିଶ୍ୱାସ କରନ୍ତୁ ଯେ ବ୍ୟକ୍ତିଗତ ଭାବେ ସେମାନଙ୍କର ଆରମ୍ଭ ଯାହା ବି ହୋଇଥାଉ ନା କାହିଁକି ଫଳାଫଳରେ ସମତା ଅଣାଯାଇପାରିବ।
- ସମସ୍ତ ଶିକ୍ଷାର୍ଥୀମାନଙ୍କ ଉପଲବ୍ଧି ବୃଦ୍ଧି ପାଇଁ ସହକର୍ମୀମାନଙ୍କୁ ଉତ୍ସାହିତ କରିବା।
- ଶିକ୍ଷାର୍ଥୀମାନଙ୍କ ସଫଳତାକୁ ତାଙ୍କର ଶୈକ୍ଷିକ ପାରଦର୍ଶିତାଠାରୁ ଅଧିକ ରୂପେ ଆକଳନ କରିବା।

ଜଣେ ବିଦ୍ୟାଳୟ ମୁଖ୍ୟ ଭାବରେ ଆପଣ ମିଳିତ ଜାତିସଂଘର ଶିଶୁ ଅଧିକାର ସନନ୍ଦ (୧୯୮୯) ବିଷୟରେ ସଚେତନ ଥିବେ, ଯାହା ପ୍ରତ୍ୟେକ ସଭ୍ୟ ରାଷ୍ଟ୍ରକୁ ତାଙ୍କ ଦେଶର ସମସ୍ତ ଶିଶୁମାନଙ୍କୁ ଶିକ୍ଷା ପ୍ରଦାନ ପାଇଁ ଆଇନ ପ୍ରଣୟନ କରିବେ ଯାହା କି ବିବିଧତାକୁ ସ୍ୱୀକୃତି କରିହେବ, ସେଥିପାଇଁ ଏକ ଉଲ୍ଲେଖନୀୟ ପ୍ରେରକ ଅଟେ ।

ଜଣେ ବିଦ୍ୟାଳୟର ମୁଖ୍ୟ ଭାବରେ ଏହା ଆପଣଙ୍କର ଦାୟିତ୍ୱ ହେଉଛି ଯେ ଆପଣ ଆପଣଙ୍କର ବିଦ୍ୟାଳୟ ଓ ଗୋଷ୍ଠୀରେ ଏହିପରି ଅନ୍ତର୍ନିବେଶୀ ମନୋବୃତ୍ତି ଏବଂ ଆଚରଣକୁ ଆଗେଇ ନେଇ ପ୍ରୋତ୍ସାହିତ ତଥା ପରିବର୍ତ୍ତନ କରିପାରିବେ ।



ଚିତ୍ର ୧ : ଆପଣଙ୍କ ବିଦ୍ୟାଳୟରେ ଅନ୍ତର୍ନିବେଶ ମନୋବୃତ୍ତିକୁ ପ୍ରୋତ୍ସାହିତ କରିବା

### ଶିକ୍ଷଣ ଡାଏରୀ

ଏହି ଏକକରେ କାର୍ଯ୍ୟ କଲାବେଳେ ଆପଣଙ୍କୁ ଆପଣଙ୍କ ଶିକ୍ଷଣ ଦୈନନ୍ଦିନ ଏକ ଖାତା ବା ଫୋଲଡର ଯେଉଁଥିରେ ଆପଣ ଆପଣଙ୍କ ଚିନ୍ତାଧାରା ଓ ଯୋଜନାକୁ ଏକ ସ୍ଥାନରେ ଲେଖିବା ପାଇଁ କୁହାଯିବ। ବୋଧହୁଏ ଆପଣ ଏହା ଆରମ୍ଭ କରିସାରିଥିବେ।

ଆପଣ ଏହି ଏକକରେ ଏକୁଟିଆ କାର୍ଯ୍ୟ କରିପାରିବେ କିନ୍ତୁ ଆପଣ ଯଦି ଆପଣଙ୍କ ଶିକ୍ଷଣକୁ ଅନ୍ୟ ବିଦ୍ୟାଳୟମୁଖ୍ୟଙ୍କ ସହ ଆଲୋଚନା କରିବେ ତେବେ ଅଧିକ ଶିଖିପାରିବେ । ସେ ଆପଣଙ୍କ ଜଣେ ସହକର୍ମୀ ହୋଇପାରନ୍ତି, ଯାହାଙ୍କ ସହ ଆପଣ ସମ୍ମିଳିତ ହୋଇସାରିଥିବେ ବା ଯାହାଙ୍କ ସହ ଆପଣ ନୂତନ ଭାବେ ସମ୍ପର୍କିତ ହୋଇଥିବେ । ଏହା ଏକ ସଙ୍ଗଠିତ ଢଙ୍ଗରେ ବା ଅଧିକାରରୁ ଅଧିକ ଅଣଆନୁଷ୍ଠାନିକ ଢଙ୍ଗରେ କରାଯାଇପାରିବ । ଶିକ୍ଷଣ ଦୈନନ୍ଦିନୀରେ ଆପଣ କରିଥିବା ଟିପ୍ପଣୀଗୁଡ଼ିକ ଆପଣଙ୍କୁ ଏହିଭଳି ବୈଠକ ଯେତେବେଳେ କି ଆପଣ ଦୀର୍ଘମିଆଦି ଶିକ୍ଷଣ ଓ ବିକାଶ ଆକଳନ କରୁଥିବେ ସେହି ସମୟରେ ଉପଯୋଗୀ ହୋଇପାରିବ ।

## ବିଦ୍ୟାଳୟର ମୁଖ୍ୟ ଏହି ଏକକରୁ କ'ଣ ଶିଖିବେ ?

- ବିବିଧତା, ସମଧିକାର ଓ ଅନ୍ତର୍ନିବେଶ ଉପରେ ଆପଣଙ୍କ ସହକର୍ମୀମାନଙ୍କ ସହିତ ଏକ ସହବିନିମୟ ବୁଝାମଣାର ବିକାଶ କରିପାରିବେ ।
- ଆପଣଙ୍କର ସମସ୍ତ ଶିକ୍ଷାର୍ଥୀଙ୍କର ଶିକ୍ଷଣ ଫଳାଫଳକୁ ଉନ୍ନତ କରିବା ପାଇଁ କାର୍ଯ୍ୟଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସଜାଡ଼ିବା ।
- ଆପଣଙ୍କ ବିଦ୍ୟାଳୟର ଅବହେଳିତ ବା ବଞ୍ଚିତ ଶିକ୍ଷାର୍ଥୀଙ୍କର ସମସ୍ୟାକୁ ସମାଧାନ କରିବା ପାଇଁ ଅନ୍ୟମାନଙ୍କ ସହଭାଗିତାରେ ଯୋଜନା ପ୍ରସ୍ତୁତି ଓ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବେ ।
- ଆପଣଙ୍କ କାର୍ଯ୍ୟାନୁଷ୍ଠାନ ପ୍ରଭାବର ମୂଲ୍ୟାୟନକୁ ଗୁରୁତ୍ୱ ଦେବା ।

# ୧ ନେତୃତ୍ୱ ଜରିଆରେ ସମଧିକାର ଓ ଅନ୍ତର୍ନିବେଶୀକୁ ପ୍ରୋତ୍ସାହନ

ଭାରତର ଜନସଂଖ୍ୟାରେ ଦେଖାଯାଉଥିବା ବିବିଧତାକୁ ଉତ୍ସବ ରୂପେ ପାଳନ କରି ଗର୍ବ କରିଥାଉ। ବିବିଧତାର ଅର୍ଥ ହେଉଛି "ଏକ ବଡ଼ ଧରଣର ବିଭିନ୍ନତା ପ୍ରଦର୍ଶନ" ବା "ଅନେକ ଭିନ୍ନତା" ଭିନ୍ନତା କେବଳ ଜୀବନରେ ଆଗ୍ରହକୁ ଯୋଡ଼େ ନାହିଁ ବରଂ ଜଟିଳ ଓ ପରିବର୍ତ୍ତନଶୀଳ ଦୁନିଆରେ ଅଧିକ ସଂଖ୍ୟକ ସମାଧାନ ଓ ସମ୍ଭାବନାର ସୁଯୋଗ ପ୍ରଦାନ କରେ ।

ବିଦ୍ୟାଳୟରେ ବିବିଧତା ଦେଖାଯିବାର ଅନେକ କାରଣ ହୋଇପାରେ ଯଥା - ଭାଷା, ଲିଙ୍ଗ, ଜାତି, ଗୋଷ୍ଠୀ, ଉପାର୍ଜନ ସ୍ତର ଶାରୀରିକ ସାମର୍ଥ୍ୟ, ଘରର ପ୍ରକାରଭେଦ, ବୟସ ଓ ପୂର୍ବ ପାଠପଢ଼ା ସହ ସମ୍ପର୍କିତ ଅଟେ । ଯେତେବେଳେ ଶିକ୍ଷାର୍ଥୀ ଏକ ସମୟରେ ଶ୍ରେଣୀରେ ପ୍ରବେଶ କରନ୍ତି । ସେମାନଙ୍କ ମଧ୍ୟରୁ କୌଣସି ଦୁଇଜଣଙ୍କର ଆରମ୍ଭ ବିନ୍ଦୁ ସମାନ ହେବ ନାହିଁ ବା ଠିକ୍ ସେଭଳି ଶିଖିବାର ଧାରା ଓ ପାଠ୍ୟକ୍ରମ ସହିତ ସମାନ ପ୍ରକାରର ଯୋଗାଯୋଗ ରହିବ ନାହିଁ । ଯେଉଁ ଶିକ୍ଷକ ଶିକ୍ଷାର୍ଥୀର ବିଭିନ୍ନ ପୃଷ୍ଠଭୂମି, ସଂସ୍କୃତି ଓ ଅଭିଜ୍ଞତାକୁ ସ୍ୱୀକୃତି ଓ ମୂଲ୍ୟ ଦିଅନ୍ତି ସେ ଶିକ୍ଷାର୍ଥୀଙ୍କୁ ଶିକ୍ଷଣରେ ଅର୍ଥପୂର୍ଣ୍ଣ ଢଙ୍ଗରେ ନିୟୋଜିତ କରିବେ ।

ଜାତୀୟ ପାଠ୍ୟକ୍ରମ ଆଧାର ଜାତୀୟ ଶିକ୍ଷାନୀତିରୁ ଉଦ୍ଧାର କରିଥିବା ଉକ୍ତ ହେଉଛି:

> ସମାଧିକାର ପ୍ରୋତ୍ସାହନ ପାଇଁ ସମସ୍ତଙ୍କୁ ସମାନ ସୁଯୋଗ ଯୋଗାଇଦେବା ନିତାନ୍ତ ଆବଶ୍ୟକ କିନ୍ତୁ ଏହା କେବଳ ବିଦ୍ୟାଳୟରେ ପ୍ରବେଶ ପାଇଁ ନୁହେଁ ବରଂ ସଫଳତାର ସର୍ତ୍ତରେ ନିର୍ଭର କରେ । ଏହା ବ୍ୟତୀତ ମୂଳ ପାଠ୍ୟକ୍ରମ ଜରିଆରେ ଅନ୍ତର୍ନିହିତ ସମାନତାର ସଚେତନତା ସୃଷ୍ଟି କରାଯିବ । ଏହାର ଉଦ୍ଦେଶ୍ୟ ହେଉଛି ସାମାଜିକ ବାତାବରଣ ଓ ଜନ୍ମଗତ କାରଣରୁ ସଂଚାରିତ ହୋଇଥିବା ପ୍ରାକ୍‌ବଦ୍ଧମୂଳ ଧାରଣାଗୁଡ଼ିକୁ ଦୂର କରିବା ।

ଆପଣଙ୍କ ବିଦ୍ୟାଳୟ ଓ ଶ୍ରେଣୀଗୃହ ପରିସ୍ଥିତିରେ ଏହି ନିୟାମକ ଭାଷାର ସମ୍ପ୍ରସାରଣ କରିବା କଷ୍ଟକର । ତେଣୁ ଏହା ବିଦ୍ୟାଳୟ ମୁଖ୍ୟଙ୍କର ଦାୟିତ୍ୱ ଯେ ସେ ସହକର୍ମୀ ଓ ବିଦ୍ୟାଳୟ ଗୋଷ୍ଠୀଙ୍କୁ ବିବିଧତା, ସମାନତା ଓ ଅନ୍ତର୍ନିବେଶ ସମ୍ପର୍କିତ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ସାହାଯ୍ୟ କରିବା । ନିମ୍ନଲିଖିତ ପ୍ରାଥମିକ ତିନୋଟି ପଦକ୍ଷେପ ଜରିଆରେ ଏହାକୁ ଦେଖାଯାଇପାରିବ ।

୧. ବିଦ୍ୟାଳୟ ସନ୍ଦର୍ଭରେ ସମସ୍ତ ଶିକ୍ଷକ ଓ ବ୍ୟାପକ ଗୋଷ୍ଠୀ ବିବିଧତା, ସମାନତା ଓ ଅନ୍ତର୍ନିବେଶ ସମସ୍ୟାଗୁଡ଼ିକୁ ବିଦ୍ୟାଳୟ ପରିସ୍ଥିତିରେ ବୁଝିଛନ୍ତି ତାକୁ ନିଶ୍ଚିତ କରିବା।
୨. ସହଭାଗୀତା ମାଧ୍ୟମରେ ଯୋଜନା ପ୍ରସ୍ତୁତ କରିବା। ଅସମାନତା ବା ବଞ୍ଚିତ ଗୋଷ୍ଠୀ ଶିକ୍ଷାର୍ଥୀଙ୍କ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ପଦକ୍ଷେପ ଓ କାର୍ଯ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବା । ସେମାନଙ୍କ ଶିକ୍ଷାଦାନ ଅଭ୍ୟାସ ବା ଶିକ୍ଷଣ ସୁଯୋଗରେ ପରିବର୍ତ୍ତନ ପାଇଁ ନେଉଥିବା କାର୍ଯ୍ୟଗୁଡ଼ିକ କିପରି ଭିନ୍ନତା ସୃଷ୍ଟି କରିଥାଏ ସେଗୁଡ଼ିକୁ ବୁଝିବା।
୩. ଶିକ୍ଷାଦାନ, ଶିକ୍ଷଣ ଓ ସହାୟତାରେ ପରିବର୍ତ୍ତନ କିପରି ପ୍ରଭାବ ପକାଉଛି ତାକୁ ତଦାରଖ କରିବା। ଶିକ୍ଷାର୍ଥୀଙ୍କ ଶିକ୍ଷଣରେ ତାହା ସକାରାତ୍ମକ ପ୍ରଭାବ ପକାଉଛି ତାକୁ ନିଶ୍ଚିତ କରିବା।

ଆପଣ ଯଦି ବିଦ୍ୟାଳୟ ଉନ୍ନତି ପାଇଁ ବିବିଧତାର ତଥ୍ୟକୁ ବ୍ୟବହାରର ଏକକଟି ପଢ଼ିସାରିଥିବେ ତାହାହେଲେ ଆପଣ ଚିନ୍ତା କରି ସାରିଥିବେଣି ଯେ ତଥ୍ୟଗୁଡ଼ିକ ବିବିଧତାର ସମସ୍ୟାଗୁଡ଼ିକର ପ୍ରମୁଖ ଲକ୍ଷ୍ୟଗୁଡ଼ିକୁ ବିଦ୍ୟାଳୟ ପରିପ୍ରେକ୍ଷୀରେ କିପରି ଭାବରେ ଉଲ୍ଲେଖ କରୁଛି । ଆପଣଙ୍କ ବିଦ୍ୟାଳୟ ପାଇଁ ଅଗ୍ରାଧିକାର କ୍ଷେତ୍ର ବିକଶିତ କରିବା ଆରମ୍ଭ କରିସାରିଥିବେ। ଆପଣ ସଂଗ୍ରହ କରିଥିବା ତଥ୍ୟ ଓ ଚିହ୍ନଟ କରିଥିବା ଅଗ୍ରାଧିକାରର ପରିସରକୁ ବୁଝିବା ପାଇଁ ଆପଣ ସହକର୍ମୀଙ୍କୁ ସେମାନଙ୍କ ଶିକ୍ଷାଦାନ ଅଭ୍ୟାସରେ ଅଧିକ ଅନ୍ତର୍ନିବେଶୀ କରିବା ପାଇଁ କିପରି ନେତୃତ୍ୱ ଦେବେ।

## ୩ ବିବିଧତା, ସମାଧିକାର ଓ ଅନ୍ତର୍ନିବେଶୀକୁ ବୁଝିବାରେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ।

ଆପଣ ଜାଣିସାରିଥିବେ ଯେ ଯଦିଓ କେତେଜଣ ଅନ୍ତର୍ନିବେଶୀ ସଂଜ୍ଞାକୁ ବୁଝିନାହାନ୍ତି କିନ୍ତୁ ଆପଣଙ୍କର କେତେକ ସହକର୍ମୀ ଭଲଭାବେ ଅନ୍ତର୍ନିବେଶୀ ସଂଜ୍ଞାକୁ ବୁଝିଛନ୍ତି । ଆପଣଙ୍କ ବିଦ୍ୟାଳୟର ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଶିକ୍ଷାର୍ଥୀଙ୍କ ଫଳାଫଳ ଉପରେ ନିର୍ଦ୍ଦିଷ୍ଟ ପ୍ରଭାବ ଓ ବିବିଧତା ମଧ୍ୟରେ ଥିବା ସମ୍ପର୍କକୁ ବୁଝିବା ପାଇଁ ଅନେକଙ୍କର ବୃତ୍ତିଗତ ବିକାଶ ଦରକାର କରିଥାଏ ।

ଏଣୁ ଆପଣଙ୍କୁ ଆପଣଙ୍କ ସହକର୍ମୀ ଓ ବ୍ୟାପକ ବିଦ୍ୟାଳୟ ଗୋଷ୍ଠୀଙ୍କୁ ଏହି କାର୍ଯ୍ୟସୂଚୀର ନିହିତାର୍ଥକୁ ବ୍ୟକ୍ତିଗତ ଭାବରେ ବୁଝାଇବା ପାଇଁ କିଛି ସମୟ ଉପଯୋଗ କରିବା ଆବଶ୍ୟକ । ପ୍ରାରମ୍ଭରୁ ଏହାକୁ ଏକ ସାମଗ୍ରିକ ବିଦ୍ୟାଳୟର ସମସ୍ୟା ରୂପେ ପରିଚିତ କରାଇବା ପୂର୍ବରୁ ବା ବ୍ୟାପକ ବିଦ୍ୟାଳୟ ଗୋଷ୍ଠୀକୁ ନିୟୋଜିତ କରିବା ପୂର୍ବରୁ କେତେକ ପରିବର୍ତ୍ତନ କରିବା ପାଇଁ ପ୍ରାରମ୍ଭରୁ ଆପଣ ଏକ ଛୋଟ କାର୍ଯ୍ୟକାରୀ ଦଳକୁ ସଙ୍ଗଠିତ କରିପାରିବେ । ଯାହା ବି ପନ୍ଥା ଆପଣ ଅବଲମ୍ବନ କରନ୍ତୁ ନା କାହିଁକି ପ୍ରସଙ୍ଗକୁ ଉପସ୍ଥାପନା କରିବା ଓ ସହକର୍ମୀମାନଙ୍କୁ ସମାନତା, ବିବିଧତା ଓ ଅନ୍ତର୍ନିବେଶୀ କ'ଣ ବୁଝିବାରେ ସହାୟତା ଦେବା ପାଇଁ କେତେକ ସାଧନ ଆବଶ୍ୟକ କରିବେ ।

ସମ୍ବଳ ୧, "ସମସ୍ତଙ୍କୁ ସାମିଲ କରିବା" ହୁଏତ ଆପଣଙ୍କୁ ସହକର୍ମୀମାନଙ୍କ ସହ ଆଲୋଚନା କରିବା ପାଇଁ ସହାୟକ ହୋଇପାରେ ।

**ଭିଡିଓ : ସମସ୍ତଙ୍କୁ ସାମିଲ କରିବା ।**

ଆଟିଲେସ୍ ଏଟ୍.ଆଲ୍ (୨୦୦୬) ଶିକ୍ଷାରେ ଅନ୍ତର୍ନିବେଶୀର ଚାରିଗୋଟି ପରିସରକୁ ଚିହ୍ନଟ କରିଛନ୍ତି । ଯାହା କି ପ୍ରାରମ୍ଭିକ ବିନ୍ଦୁ ରୂପେ ବ୍ୟବହାର କରାଯାଇପାରିବ ।

୧. ପ୍ରବେଶର ସୁଯୋଗ : ଯେଉଁଠାରେ କି ଉପସ୍ଥାନର ପ୍ରତିବନ୍ଧକ ମଧ୍ୟରେ ଅକ୍ଷମତା ବା ଭେଷଜ ଅବସ୍ଥା / ଶାରୀରିକ ଅବସ୍ଥା, ଦାରିଦ୍ର (ବିଦ୍ୟାଳୟ ଗଣବେଶ ବା ଦେୟ ଦେବାରେ ଅସମର୍ଥ) ପରିବାର ପାଇଁ ଅର୍ଥ ଉପାର୍ଜନ କରିବାକୁ ପଡୁଥିବ । ଘରେ ପାଠ ପଢ଼ିବା ପାଇଁ ସ୍ଥାନାଭାବ, ଅବସ୍ଥିତି (ସେହି ବୟସର ଶିକ୍ଷାର୍ଥୀଙ୍କ ଯାତାୟାତରେ ଅସୁବିଧା ବା ବିପଦପୂର୍ଣ୍ଣ) ଯତ୍ନ ନେବାର ଦାୟିତ୍ୱ ବା ଶିକ୍ଷାକୁ ଅଗ୍ରାଧିକାର ଦେବାର ଅଭାବ । ଏହିସବୁ ସାଂସ୍କୃତିକ କାରଣ ଯୋଗୁଁ ଦେଖାଯାଇଥାଏ ।

୨. ଗ୍ରହଣୀୟତା : ଶିକ୍ଷକଙ୍କ ମନୋବୃତ୍ତି ଦ୍ୱାରା ଶିକ୍ଷାର୍ଥୀ ବିଦ୍ୟାଳୟରେ ପାଉଥିବା ସ୍ୱୀକୃତି / ଗ୍ରହଣୀୟ ସ୍ଥାନ ନିୟନ୍ତ୍ରିତ ହୋଇଥାଏ । ପ୍ରତ୍ୟେକ ଶିକ୍ଷାର୍ଥୀ ଜଣେ ଲେଖାଁ ସ୍ୱତନ୍ତ୍ର ବ୍ୟକ୍ତି ଅଟନ୍ତି ଓ ସେମାନଙ୍କର ପୃଷ୍ଠଭୂମି ଯାହା ବି ହେଉନା କାହିଁକି ସେମାନେ ସଫଳ ହେବାକୁ ସମର୍ଥ ଏ ବିଶ୍ୱାସ ଶିକ୍ଷକମାନଙ୍କର ରହିବା ଉଚିତ ।

୩. ଅଂଶଗ୍ରହଣ : ଶିକ୍ଷଣ ଏକ ସାମାଜିକ କାର୍ଯ୍ୟକଳାପ; ଜ୍ଞାନ ସେତେବେଳେ ଗଠନ ହୋଇଥାଏ ଯେତେବେଳେ ଆମେ କାର୍ଯ୍ୟକଳାପରେ ଅନ୍ୟମାନଙ୍କ ସହ ଅଂଶଗ୍ରହଣ କରିଥାଉ ଓ ସେଥିରୁ ଅର୍ଥକୁ ବ୍ୟବହାର କରି ଯୋଡ଼ିଥାଉ । ପ୍ରତ୍ୟେକ ଶିକ୍ଷାର୍ଥୀ ନିଶ୍ଚିତ ଭାବେ ପରସ୍ପର ସହିତ କାମ କରିବା ପାଇଁ ଓ ଶିକ୍ଷକମାନଙ୍କ ସହ ବାର୍ତ୍ତାଳାପ କରିବା ପାଇଁ ସୁଯୋଗ ପାଇବା ଉଚିତ ।

୪. ଉପଲବ୍ଧି : ଅନ୍ତର୍ନିବେଶୀର ଅର୍ଥ ନୁହେଁ ଯେ ସମସ୍ତ ଶିକ୍ଷାର୍ଥୀ ସମାନ ସ୍ତରରେ ଉପଲବ୍ଧି ହାସଲ କରିବେ । କେବଳ ସ୍ଥିରୀକୃତ ଓ ଆନୁଷ୍ଠାନିକ ଜାତୀୟକରଣ ପରୀକ୍ଷାରେ ସୀମିତ ନ ହୋଇ ପ୍ରତ୍ୟେକ ଶିକ୍ଷାର୍ଥୀ ସେମାନଙ୍କର ଶୈକ୍ଷିକ ଉପଲବ୍ଧି ଭିନ୍ନ ଭିନ୍ନ ସନ୍ଦର୍ଭରେ ପ୍ରଦର୍ଶନ କରିବାର ସୁଯୋଗ ପାଇବେ । ଏହା ହେଉଛି ଅନ୍ତର୍ନିବେଶୀ ସନ୍ଦର୍ଭରେ "ଉପଲବ୍ଧି" । ଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର କୌଶଳ, ସାମର୍ଥ୍ୟ ଓ ଜ୍ଞାନକୁ ପ୍ରଦର୍ଶନ କରିବା ପାଇଁ ନିଶ୍ଚିତ ଭାବରେ ଅନୁମତି ଦେବେ, ଯାହାଫଳରେ ସେମାନଙ୍କର ଉପଲବ୍ଧିକୁ ସ୍ୱୀକୃତି ମିଳିପାରିବ ଓ ଗୋଷ୍ଠୀ ସେମାନଙ୍କୁ ମୂଲ୍ୟ ପ୍ରଦାନ କରିବ ।

ଚିତ୍ର–୨ ନ୍ୟସ୍ତ କାର୍ଯ୍ୟରୁ କିପରି ବ୍ୟକ୍ତି ବା ଦଳକୁ ସହଜରେ ଅଲଗା କରାଯାଇପାରେ ତାର ଏକ ମଜାଳିଆ ଉଦାହରଣ ଏଠାରେ ଦିଆଯାଇଛି ।

ପ୍ରତ୍ୟେକ ଜଣେ ଲେଖା ସାଧାରଣ ଜୀବ ଅଟନ୍ତି । କିନ୍ତୁ ଯଦି ଆପଣ ଗୋଟିଏ ମାଛକୁ ତା'ର ଗଛ ଚଢ଼ିବାର ଯୋଗ୍ୟତାକୁ ନେଇ ବିଚାର କରିବେ ତେବେ ତାର ସାରା ଜୀବନ ନିଜକୁ ଏକ ନିର୍ବୋଧ ବୋଲି ବିଶ୍ୱାସ କରି ଅତିବାହିତ କରିଦେବ ।




*"Everybody is a genius. But if you judge a fish by its ability to climb a tree, it will live its whole life believing that it is stupid."*

*-Albert Einstein*

ଚିତ୍ର ୨ ଆପଣ ସ୍ଥିରୀକୃତ କରିଥିବା କାର୍ଯ୍ୟ ନିଶ୍ଚିତ ଭାବେ ଅନ୍ତର୍ନିବେଶୀକୁ ପ୍ରୋତ୍ସାହିତ କରୁଥିବ ।

ଚିତ୍ର ୨ରେ ଥିବା ପଶୁପକ୍ଷୀମାନେ ଆପଣଙ୍କ ଶ୍ରେଣୀଗୃହରେ ଥିବା ଶିକ୍ଷାର୍ଥୀମାନଙ୍କ ଭଳି ଭିନ୍ନ ଭିନ୍ନ । ସେମାନଙ୍କଠାରେ ଦେଖାଯାଉଥିବା ଭିନ୍ନତାକୁ ଚିହ୍ନଟ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । କେତେକଙ୍କୁ ସୁହାଉଥିବା ଭଳି ଓ ଅନ୍ୟ କେତେକଙ୍କୁ ଅସୁବିଧାରେ ପକାଉଥିବା ଭଳି କାର୍ଯ୍ୟ ଦେବା ନାହିଁ । ସ୍ଥିର କରାଯାଇଥିବା କାମରେ କେଉଁ ପଶୁ ସଫଳତା ପାଇବ ତାହା ଚିତ୍ରରେ ଦର୍ଶାଯାଇଛି ଠିକ୍ ସେଭଳି ଆମ ଶ୍ରେଣୀର ଶିକ୍ଷାର୍ଥୀଙ୍କ ପାଇଁ ମଧ୍ୟ ତାହା ପ୍ରଯୁଜ୍ୟ । କାର୍ଯ୍ୟ ନିରୂପିତ କରିବା ବେଳେ ଶିକ୍ଷକ ଜାଣିଥାନ୍ତି ଯେ ଶ୍ରେଣୀର କେଉଁ ଶିକ୍ଷାର୍ଥୀ କାମ କରି ସଫଳ ହେବ ।

ଯାହା ବି ହେଉ ଏହା କେବଳ ନ୍ୟସ୍ତ କାର୍ଯ୍ୟ ନୁହେଁ ଯେଉଁଥିରେ କି ଜଣେ ଅସୁବିଧାରେ ପଡ଼ିବ । କେତେକ ଶିକ୍ଷାର୍ଥୀ ବିଦ୍ୟାଳୟ ପରିବେଶରେ ସମାନ ପ୍ରବେଶ ସୁଯୋଗ ପାଇ ନ ଥାନ୍ତି ଓ ଅଯଥାରେ ସେମାନଙ୍କୁ ସଂଘର୍ଷ କରିବାକୁ ପଡ଼ିଥାଏ । (ଉଦାହରଣସ୍ୱରୂପ : ସ୍ନାନାଗାର ଓ ଶୌଚାଳୟର ବ୍ୟବହାର) ଏହି ଅତିରିକ୍ତ ପ୍ରତିବନ୍ଧକଗୁଡ଼ିକ ଶିକ୍ଷାର୍ଥୀଙ୍କ ଉପରେ ଗପର କାରଣ ହୋଇପାରେ ଓ ସେମାନଙ୍କୁ ଭିନ୍ନ ଭାବରେ ଦେଖିବାର ଆଶଙ୍କା ଯୋଗୁ ସେମାନେ ହୁଏତ ବିଦ୍ୟାଳୟକୁ ଆସି ନ ପାରନ୍ତି । ତେଣୁ ଭିନ୍ନତାଗୁଡ଼ିକୁ ସାଧାରଣ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଯାହାଫଳରେ ସେମାନଙ୍କର ଅତିରିକ୍ତ ଆବଶ୍ୟକତା ଓ ଉପଯୋଜନକୁ ଗ୍ରହଣ କରିବାରେ ସଙ୍କୋଚ ବା ଲଜ୍ଜିତ ହେବେ ନାହିଁ ।

## ଶିକ୍ଷଣକାର୍ଯ୍ୟ ୧ : କାର୍ଯ୍ୟରେ ଅନ୍ତର୍ନିବେଶୀର ପ୍ରଭାବ ସମ୍ବନ୍ଧରେ ଆଲୋଚନା କରିବା

ଆର୍ଟିକେଲ୍ ଏଟ୍ ଆଲ୍ଙ୍କ ଅନ୍ତର୍ନିବେଶୀ ପରିସର ଓ କାର୍ଟୁନ ଚିତ୍ର ୨ ଉପରେ ଚିନ୍ତା କରନ୍ତୁ । ଆପଣଙ୍କ ବିଦ୍ୟାଳୟରେ ଅନ୍ତର୍ନିବେଶୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ସହକର୍ମୀମାନଙ୍କ ସହିତ ଆଲୋଚନାର ଆରମ୍ଭ ପାଇଁ ଏହି ସମ୍ବଳଗୁଡ଼ିକୁ ଆପଣ କିପରି ଭାବରେ ବ୍ୟବହାର କରିପାରିବେ ଆଲୋଚନା ପାଇଁ ସେମାନେ କ'ଣ ସୁଯୋଗ ଦେବେ ସେ ବିଷୟରେ ଚିନ୍ତା କରନ୍ତୁ ।

- ଆପଣଙ୍କ ବିଦ୍ୟାଳୟର ନିର୍ଦ୍ଦିଷ୍ଟ ପରିସ୍ଥିତି
- ନିର୍ଦ୍ଦିଷ୍ଟ ବିଷୟ କ୍ଷେତ୍ରରେ ପ୍ରଭାବ
- ବିଭିନ୍ନ ପ୍ରକାରର ଶିକ୍ଷାଦାନ ଓ ଶିକ୍ଷଣ ପାଇଁ ସୃଷ୍ଟି ହେଉଥିବା ପ୍ରଭାବ ସମ୍ବନ୍ଧରେ (ଆକଳନ ସହ)

### ଆଲୋଚନା

ଆପଣ ଏହା ଉପଲବ୍ଧି କରିଥିବେ ଯେ ଶିକ୍ଷାଦାନ ସହିତ ଅନ୍ତର୍ନିବେଶୀ ଶିକ୍ଷଣ ପରିବେଶ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ଅଟେ, ଯାହା କି ସକ୍ରିୟ ଓ ବ୍ୟକ୍ତିଗତ ଭାବରେ ସଂଯୋଜିତ ଏବଂ ଶ୍ରେଣୀର ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପ୍ରୋତ୍ସାହିତ କରିଥାଏ । ଏହା ଅତ୍ୟନ୍ତ ଅସାଧାରଣ, ଉଦାହରଣସ୍ୱରୂପ, ସମସ୍ତ ଶିକ୍ଷାର୍ଥୀ ପାଠ୍ୟପୁସ୍ତକ ଜରିଆରେ କାମ କରି ପରିଶେଷରେ ଲିଖିତ ପରୀକ୍ଷା ଦେଇ ସେମାନଙ୍କର ସାମର୍ଥ୍ୟ ଅନୁଯାୟୀ ଅନ୍ତର୍ନିବେଶୀ ପରିବେଶ ସୃଷ୍ଟି କରିବା ପାଇଁ ପାଠ୍ୟର ପରିକଳ୍ପନା କରାଯାଇଛି ।

ଆପଣ କାର୍ଯ୍ୟ ୧ରେ ପ୍ରତିଫଳିତ କରିଥିବେ ଯେ କିପରି ନିର୍ଦ୍ଦିଷ୍ଟ ବିଷୟରେ ଏକ ନିର୍ଦ୍ଦିଷ୍ଟ ସମୂହ ବା ଗୋଷ୍ଠୀର ଶିକ୍ଷାର୍ଥୀଙ୍କ ସମ୍ପର୍କିତ ସ୍ୱତନ୍ତ୍ର ଅନ୍ତର୍ନିବେଶୀ ସମସ୍ୟାମାନ ରହିଛି, ଯାହା ଆପଣଙ୍କ ସନ୍ଦର୍ଭରେ ଶିକ୍ଷାର୍ଥୀଙ୍କ ପାଠ୍ୟକ୍ରମକୁ ପ୍ରବେଶ ସୁଯୋଗ ଉପରେ ଉଚ୍ଚ ପ୍ରଭାବ ପଡ଼ିଥାଏ ।

ଆପଣଙ୍କର ଯାହା ବିଚାର ଥାଉ ନା କାହିଁକି ଏହି ସମ୍ବଳ ସବୁ ଉଭୟ ମନୋବୃତ୍ତି ତଥା ଶ୍ରେଣୀ ମଧ୍ୟରେ ଏବଂ ବିଦ୍ୟାଳୟ ପରିବେଶର କାର୍ଯ୍ୟରେ ଅନ୍ତର୍ନିବେଶୀ ଶିକ୍ଷା କହିଲେ କ'ଣ ବୁଝାଏ ତାହା ଆଲୋଚନା କରିବା ପାଇଁ ଏହା ଏକ ଆରମ୍ଭ ବିନ୍ଦୁ ପ୍ରଦାନ କରିବ । ଏଭଳି କରିବା ଦ୍ୱାରା ଆପଣ ଜାଣିପାରିବେ ଯେ ଆପଣଙ୍କର ସହକର୍ମୀମାନେ ମଧ୍ୟ ଅବହେଳିତ ବା ସୁଯୋଗରୁ ବଞ୍ଚିତ ହେବାର ବ୍ୟକ୍ତିଗତ ଅଭିଜ୍ଞତା ଥାଇପାରେ । ଯଦି କାହାର ସେପରି ଅଭିଜ୍ଞତା ନ ଥିବ ତେବେ ସେମାନେ ଏପରି ଅଭିଜ୍ଞତା ଥିବା ବ୍ୟକ୍ତି ବିଷୟରେ ଜାଣିଥିବେ ଓ ସେମାନଙ୍କର ଅନୁଭବର ଚିତ୍ର କଳ୍ପନା କରିବାକୁ ସମର୍ଥ ହୋଇପାରିବେ । ମନୋବୃତ୍ତି ଓ ବିଶ୍ୱାସରେ ପରିବର୍ତ୍ତନ ଆଣିବା ପାଇଁ ଏହି ଅଭିଜ୍ଞତାଗୁଡ଼ିକୁ ଶିକ୍ଷଣର ଶକ୍ତିଶାଳୀ ସାଧନ ଭାବରେ ବ୍ୟବହାର କରାଯାଇପାରିବ । ବର୍ତ୍ତମାନ ଶିକ୍ଷଣକାର୍ଯ୍ୟ ୨କୁ କରିବାକୁ ଚେଷ୍ଟା କରନ୍ତୁ । ଆପଣଙ୍କ ବିଦ୍ୟାଳୟର ଅଧିକ ଅନ୍ତର୍ନିବେଶୀ ଶିକ୍ଷଣ ସଂସ୍କୃତିର ବିକାଶ ପାଇଁ ଆପଣ ନିଜକୁ ଓ ଆପଣଙ୍କ ସହକର୍ମୀଙ୍କୁ ଏହି କାର୍ଯ୍ୟ କିପରି ସହାୟକ ହୋଇପାରେ ସେ ବାବଦରେ ଚିନ୍ତା କରନ୍ତୁ ।

## ଶିକ୍ଷଣକାର୍ଯ୍ୟ ୨ : ବ୍ୟକ୍ତିଗତ ଅନୁଭବର ଉପଯୋଗ

ଆପଣ ଏମିତି ଏକ ସମୟକୁ ମନେପକାନ୍ତୁ ଯେତେବେଳେ ଆପଣଙ୍କର ନିଜର ଭିନ୍ନତା (ଜାତି, ଶିକ୍ଷା, ଭାଷା, ରଙ୍ଗ, ଲିଙ୍ଗ ଇତ୍ୟାଦି) ବା ଆପଣଙ୍କ ପାଖାପାଖି ଥିବା ବ୍ୟକ୍ତିର ବା ଭଲଭାବେ ଜାଣିଥିବା ବ୍ୟକ୍ତିଙ୍କର ଏଭଳି ଭିନ୍ନତାର ଅଭିଜ୍ଞତା ହୁଏତ ଥାଇପାରେ ଯାଦ୍ୱାରା ନକରାତ୍ମକ ପ୍ରଭାବ ବା ଆଶା କରାଯାଉଥିବା ପ୍ରଭାବ ବିଦ୍ୟାଳୟ ଉପରେ ପଡ଼ିଥାଏ । ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର କରନ୍ତୁ ।

- ଆପଣ କିପରି ଭାବରେ ଅନୁଭବ କଲେ ଯେ ଆପଣ ବଞ୍ଚିତ ହୋଇଛନ୍ତି ବା ଅନ୍ୟମାନଙ୍କ ଭେଦଭାବର ଶିକାର

ହୋଇଛନ୍ତି ?

- ଏଭଳି ପରିସ୍ଥିତିକୁ କିପରି ମୁକାବିଲା କରିଥିଲେ ।
- କିଭଳି ସହାୟତାକୁ ଆପଣ ପସନ୍ଦ କରିଥିଲେ ?
- ଆପଣ ଚାହିଁଥିବା ସହାୟତା ପାଇଥିଲେ କି ?
- ଆପଣଙ୍କ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ଭେଦଭାବର ଶିକାର ବା ବଞ୍ଚିତ ହେଲେ କିପରି ଅନୁଭବ କରୁଛନ୍ତି, ଆପଣଙ୍କର ଉତ୍ତର ଏ ବାବଦରେ କେଉଁ ପ୍ରକାର ଆଲୋକ ପ୍ରଦାନ କରୁଛି ।

### ଆଲୋଚନା :

ଆପଣଙ୍କ ଜୀବନର ପ୍ରାଥମିକ ପର୍ଯ୍ୟାୟରେ କିଛି ଭେଦଭାବର ଶିକାର ହୋଇଥିବା ଅଭିଜ୍ଞତା ଆପଣଙ୍କ ପାଖରେ ଥାଇପାରେ । ଆପଣ ଏ ବାବଦରେ ଏହାକୁ ଭେଦଭାବ ବୋଲି ଭାବିନାହାନ୍ତି ସେ ପର୍ଯ୍ୟନ୍ତ ଏହାକୁ ଏକ ସ୍ୱାଭାବିକ ବାଟ ବୋଲି ଧରି ନେଇଥିଲେ । ଆପଣ ଅନ୍ୟ ଶିକ୍ଷାର୍ଥୀଙ୍କ ପ୍ରତି ହେଉଥିବା ଅନ୍ୟାୟର ଉଲ୍ଲେଖନୀୟ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଭାବେ ଦେଖିଥିବେ ଓ ଏଭଳି କାର୍ଯରେ ଆପଣଙ୍କ ସମ୍ପୃକ୍ତି ମଧ୍ୟ ଥାଇପାରେ । ପଛକୁ ଫେରି ଚାହିଁଲେ, ଲୁକ୍କାୟିତ ଜିନିଷକୁ ଦେଖିଲେ ଆମକୁ କିଛି ଲାଭ ମିଳିଥାଏ । ଆପଣ ସମ୍ଭବତଃ ହତାଶା, ଅନ୍ୟାୟ ଓ ଶକ୍ତିହୀନ ଅନୁଭବ କରିଥିବେ ।

ଯଦିଓ ଆପଣ ଅନ୍ୟାୟ ହେବାର ଅନୁଭବ କରିଥିବେ ତଥାପି ଜଣେ ଶିକ୍ଷାର୍ଥୀ ଭାବେ କର୍ତ୍ତୃପକ୍ଷଙ୍କୁ ସାମନା କରିବା ବହୁତ କଷ୍ଟକର ଅନୁଭବ କରିଥାଇପାରନ୍ତି । ଆପଣଙ୍କୁ ଅସମ୍ମାନ ଅଣଦେଖା କରାଯାଉଥିବା ଅଭିଜ୍ଞତା ଆପଣଙ୍କୁ ନିରୁତ୍ସାହିତ କରିପାରେ । ସେଠାରେ କୌଣସି ଜଣେ ନିର୍ଦ୍ଦିଷ୍ଟ ଶିକ୍ଷକ ଥିବେ ଯିଏ କି ନିଜର ଅଭ୍ୟାସରେ ଅଧିକ ସମାନତା ଓ ଅନ୍ୟାୟପୂର୍ଣ୍ଣ ହୋଇଥିବେ ଏବଂ ଆପଣ ତାଙ୍କ ଶ୍ରେଣୀରେ ସହାୟତା ପାଇବା ପରି ଅନୁଭବ କରିଥିବେ ବା ଆପଣ ନିଜ ପରିବାରଠୁ ସହାୟତା ପାଇଥିବେ । ଯେଉଁମାନେ କି ଚେଷ୍ଟା ରଖିବାକୁ ଉତ୍ସାହିତ କରିଥିବେ କିନ୍ତୁ ଆପଣ ଯାହା କରୁଛନ୍ତି ସେଥିରେ ଯଦି ବିଦ୍ୟାଳୟ ଅସନ୍ତୁଷ୍ଟ ହେଲାଭଳି ଜଣାପଡ଼େ, ତେବେ ଏପରି ଚେଷ୍ଟା ଜାରି ରଖିବା ଅତ୍ୟନ୍ତ କଷ୍ଟକର ଏବଂ ଏହା ଆପଣଙ୍କ ସଫଳତାକୁ କୌଣସି ନା କୌଣସି ଭାବରେ ପ୍ରଭାବିତ କରିବ।

ବିଦ୍ୟାଳୟରେ ବିଭିନ୍ନ ସ୍ତରର ଭେଦଭାବ କାର୍ଯ୍ୟ କରୁଥାଇପାରେ ଓ ବିଦ୍ୟାଳୟର ମୁଖ୍ୟ ଓ ଶିକ୍ଷକମାନେ ଏଗୁଡ଼ିକ ପ୍ରତି ସତର୍କ ରହିବା ଉଚିତ୍। ବ୍ୟକ୍ତିଗତ ଭେଦଭାବ ଜଣକର ବ୍ୟକ୍ତିଗତ ସଚେତନତା ବା ପ୍ରାକ୍ ବଦ୍ଧମୂଳ ଧାରଣାରୁ ଆସିପାରେ। ଉଦାହରଣସ୍ୱରୂପ ଜଣେ ଶିକ୍ଷାର୍ଥୀଙ୍କର ସାମର୍ଥ୍ୟ ଥିବା ସତ୍ତ୍ୱେ ବିଦ୍ୟାଳୟର କ୍ରିକେଟ ଦଳର ଖେଳିବା ପାଇଁ ସୁଯୋଗ ଦିଆଯାଇନାହିଁ । ଏଭଳି ହେବାର କାରଣ ଏହା ମଧ୍ୟ ହୋଇପାରେ ଯେ ଶିକ୍ଷକ ତାଙ୍କ ନିଜ ଗାଁର ଶିକ୍ଷାର୍ଥୀମାନଙ୍କୁ ଦଳରେ ରଖିବାକୁ ଚାହୁଁ ନ ଥିବେ ଓ ସେ ବିଶ୍ୱାସ କରୁଥିବେ ଯେ ଅନ୍ୟ ପିଲାମାନେ ମଧ୍ୟ ତାଙ୍କ ଭଳି ଅନୁଭବ ନ କରନ୍ତୁ ।

ଅନୁଷ୍ଠାନର ଅଧିକ ବିସ୍ତୃତ ଓ ଲୁକ୍କାୟିତ ଭେଦଭାବ ଯାହା କି ବିଦ୍ୟାଳୟ ସଂସ୍କୃତିକୁ ପ୍ରଭାବିତ କରିପାରେ । ଆନୁଷ୍ଠାନିକ ଭେଦଭାବ ଉପରେ ସାଧାରଣତଃ ପ୍ରଶ୍ନ ପଚରାଯାଏ ନାହିଁ ବିଶେଷକରି ଯଦି ତାହା ସ୍ୱାଭାବିକ କାର୍ଯ୍ୟଧାରା ହୋଇଥାଏ । ଉଦାହରଣସ୍ୱରୂପ ଏପରି ଧରିନିଆଯାଇଥାଏ ଯେ ଝିଅମାନେ ଗଣିତ ବା ବିଜ୍ଞାନରେ ଭଲ କରନ୍ତି ନାହିଁ । ଏହା ନିଶ୍ଚିତ ଭାବରେ ମିଥ୍ୟା ଅଟେ ଗୋଟିଏ ନିର୍ଦ୍ଧାରିତ ପାଠ୍ୟକ୍ରମ ପରେ ଏହି ବିଷୟଗୁଡ଼ିକ ପଢ଼ିବା ପାଇଁ ଝିଅମାନଙ୍କୁ ତଥାପି ମଧ୍ୟ ଉତ୍ସାହିତ କରାଯାଉନାହିଁ । ଅନ୍ୟ ଏକ ଉଦାହରଣ ହୋଇପାରେ ଯେ ଏକ ନିର୍ଦ୍ଦିଷ୍ଟ ବର୍ଗର ଶିକ୍ଷାର୍ଥୀମାନେ ଶାରୀରିକ କାର୍ଯ୍ୟ ପାଇଁ ଉପଯୋଗୀ ତେଣୁ ସେମାନଙ୍କ ପାଇଁ କେବଳ କଳା ଓ ଭାଷା ଆଦି କ୍ଷେତ୍ରରେ ଯଥେଷ୍ଟ ସ୍ୱୀକୃତି ମିଳି ନ ଥାଏ । ଏଣୁ କରି ଏହି ବର୍ଗର କଳାକାର ଓ କବିମାନେ ଚିହ୍ନଟ ହୁଅନ୍ତି ନାହିଁ କି ତାଙ୍କର ଯତ୍ନ ନିଆଯାଏ ନାହିଁ । ଯାହା ଅଛି ସେଗୁଡ଼ିକ ଠିକ୍ ଭାବେ ଚାଲିଛି ସେଥିପାଇଁ କୌଣସି ପରିବର୍ତ୍ତନର ଆବଶ୍ୟକତା ନାହିଁ ଏହି ଧାରଣାରେ ଆନୁଷ୍ଠାନିକ ଭେଦଭାବ କାମ କରିଥାଏ ।

ଜଣେ ବିଦ୍ୟାଳୟର ମୁଖ୍ୟ ଭାବେ ସମସ୍ତ ଶିକ୍ଷାର୍ଥୀଙ୍କ ଫଳାଫଳରେ ସମାନତା ଆଣିବା ପାଇଁ ଆପଣ ଯେଉଁଠି ଏଭଳି ଭେଦଭାବ ଦେଖିବେ ତାକୁ ଚିହ୍ନଟ କରି ଶିଖିବା ଉଚିତ । ପ୍ରଚଳିତ ମାନଦଣ୍ଡକୁ ସାମ୍ନା କରିବା ବହୁତ କଷ୍ଟକର । ପ୍ରତ୍ୟେକ ଜିନିଷକୁ ଭିନ୍ନ ଢଙ୍ଗରେ ଦେଖିବାକୁ ଚେଷ୍ଟା କରନ୍ତୁ ଏବଂ ନିଜକୁ ନିଜେ ପଚାରନ୍ତୁ ଏପରି ପ୍ରସ୍ତାବନାର କିଛି ଭଲ ପ୍ରମାଣ ରହିଛି କି ? ଉଦାହରଣସ୍ୱରୂପ

ଝିଅମାନେ ଗଣିତରେ ଭଲ କରନ୍ତି ନାହିଁ ଏ ଭୁଲ୍ ଧାରଣା ରହିଛି । ଆପଣ ନିଜକୁ ନିଜେ ପଚାରିପାରିବେ: ମୁଁ କ'ଣ ପଢ଼ିଛି ଯେ ଯାହା ମୋତେ ଏମିତି କହିବାକୁ ପଡୁଛି ? ମୁଁ କ'ଣ ଜଣେ ଭଲ ମହିଳା ଗଣିତଜ୍ଞଙ୍କୁ ଜାଣିଛି କି ? ଯଦି ଝିଅମାନଙ୍କୁ ଅଗ୍ରିମ ଗଣିତ ପଢ଼ିବାର ସୁଯୋଗ କେବେ ବି ଦିଆଯିବ ନାହିଁ ତେବେ ସେମାନେ ସେମାନଙ୍କର ସାମର୍ଥ୍ୟକୁ କିପରି ପ୍ରଦର୍ଶନ କରିପାରିବେ ।

## ଶିକ୍ଷଣକାର୍ଯ୍ୟ-୩ : ଭିନ୍ନ ଜୀବନ ପାଇଁ ଶିକ୍ଷା ଏକ ପ୍ରବେଶ ଦ୍ୱାର ସଦୃଶ :

ନିମ୍ନରେ ଭାରତର ଏକାଦଶ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କାଲାମଙ୍କ ବିଷୟରେ "ସଂକ୍ଷିପ୍ତ ଜ୍ଞାନ ସଂଗ୍ରହ"ର ଉଦ୍ଧୃତାଂଶ ପ୍ରଦତ୍ତ। ଏହାକୁ ପଢ଼ିଲା ପରେ ଆପଣ ଜାଣିବେ ଯେ ସେ ଏକ ସାମାଜିକ ଅର୍ଥନୈତିକ ଅସୁବିଧା ଥିବା ପରିବାରରୁ ଆସି ମଧ୍ୟ ଶୈକ୍ଷିକ ଦୃଷ୍ଟିରୁ ସଫଳ ହେବାରେ ସକ୍ଷମ ହୋଇଥିଲେ। ସେ ତାଙ୍କର ଶିକ୍ଷାକୁ ଜାରି ରଖିବା ସହଜ ନ ଥିଲା। କିନ୍ତୁ ସେ ଅନନ୍ୟ ଆତ୍ମବିଶ୍ୱାସ ଓ ଉପଯୋଜନ କ୍ଷମତା ପ୍ରଦର୍ଶନ କରିପାରିଥିଲେ।

> ଅଭୁଲ ଫକୀର ଜଇନୁଲାବଦାନ ଅବଦୁଲ କାଲାମ ଯାହାକୁ ସାଧାରଣତଃ ଆମେ ଡଃ ଏ.ପି.ଜେ. ଅବଦୁଲ କାଲାମ ନାମରେ ଜାଣିଥାଉ। ସେ ହେଉଛନ୍ତି ଜଣେ ଭାରତୀୟ ବୈଜ୍ଞାନିକ ତଥା ପ୍ରଶାସକ। ଯିଏ ଆମ ଦେଶର ଏକାଦଶତମ ରାଷ୍ଟ୍ରପତି ରୂପେ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ।
>
> ଅବଦୁଲ କାଲାମ ୧୫ ଅକ୍ଟୋବର ୧୯୩୧ ମସିହାରେ ଜରନୁଲାବଦୀନ ଜଣେ ଡଙ୍ଗାବାଳା ଓ ଆଶି ଆମ୍ମା - ଜଣେ ଗୃହିଣୀଙ୍କ କୋଳରେ ତାମିଲନାଡୁର ରାମେଶ୍ୱରମଠାରେ ଜନ୍ମଗ୍ରହଣ କରିଥିଲେ। ସେ ଏକ ଗରିବ ପରିବାରରୁ / ଗରିବ ପୃଷ୍ଠଭୂମିରୁ ଆସିଥିଲେ ଏବଂ ଛୋଟ ବୟସରୁ ସେ ପରିବାରକୁ ରୋଜଗାର କରି ସାହାଯ୍ୟ କରୁଥିଲେ। ବିଦ୍ୟାଳୟରୁ ଆସିଲା ପରେ କଲାମ ଖବରକାଗଜ ବାଣ୍ଟି ତାଙ୍କ ବାପାଙ୍କୁ ଆର୍ଥିକ ଦୃଷ୍ଟିରୁ ସାହାଯ୍ୟ କରୁଥିଲେ । ବିଦ୍ୟାଳୟରେ ପଢୁଥିବା ବେଳେ ସେ ସାଧାରଣ ସ୍ତରର ଶିକ୍ଷାର୍ଥୀ ଥିଲେ । କିନ୍ତୁ ଜଣେ ଉଜ୍ଜଳ ଓ ପରିଶ୍ରମୀ ଛାତ୍ର ବୋଲି ବର୍ଣ୍ଣିତ ଯାହାର ଶିଖିବା ପାଇଁ ଦୃଢ଼ ଇଚ୍ଛା ରହିଥିଲା ଏବଂ ସେ ପଢ଼ିବାରେ ବିଶେଷତଃ ଗଣିତ ପାଇଁ ଘଣ୍ଟା ଘଣ୍ଟା ସମୟ ଦେଉଥିଲେ ।
>
> ରାମେଶ୍ୱରମ୍ ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ ଶିକ୍ଷା ସମାପ୍ତ ପରେ କଲାମ ସେଣ୍ଟ ଯୋଶେଫ୍ ମହାବିଦ୍ୟାଳୟ ତିରୁଚିରାପଲ୍ଲୀକୁ ଗଲେ ଏବଂ ତା'ପରେ ମାଡ୍ରାଜ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ୧୯୫୪ ମସିହାରେ ସ୍ନାତକ ଶିକ୍ଷା ସମାପ୍ତ କଲେ। ସ୍ନାତକ ଶେଷ କଲା ବେଳକୁ କଲାମ ସେହି ବିଷୟ ପ୍ରତି ସେତିକି ଆଗ୍ରହ ପ୍ରକାଶ କଲେ ନାହିଁ ଓ ସେ ଚାରିବର୍ଷ ଏହା ପଢ଼ିଥିବାରୁ ଦୁଃଖିତ ହେଲେ। ତା'ପରେ ୧୯୫୫ରେ ସେ ବ୍ୟୋମ ମହାକାଶ ଯାନ୍ତ୍ରିକ ବିଜ୍ଞାନ ପଢ଼ିବା ପାଇଁ ମାଡ୍ରାସ ଗଲେ।
>
> ସେ ତାଙ୍କ ଆତ୍ମଜୀବନୀ 'ଅଗ୍ନିର ଡେଣା' (୨୦୦୨) ପୁସ୍ତକରେ ଉଲ୍ଲେଖ କରିଛନ୍ତି ମୁଁ ମୋ ବାପାଙ୍କଠାରୁ ସାଧୁତା ଓ ଆତ୍ମଶୃଙ୍ଖଳାକୁ ଉତ୍ତରାଧିକାରୀ କରିଛନ୍ତି, ମୋ ମା'ଙ୍କଠାରୁ ବିଶ୍ୱାସ ଓ ଭଲଗୁଣ ପାଇଛି ଓ ମୋ ଭାଇଭଉଣୀମାନଙ୍କ ପରି ମଧ୍ୟ ଗଭୀର ଦୟାଶୀଳତା ହାସଲ କରିଛି।

ଏହି ଉଦ୍ଧୃତାଂଶଟିକୁ ପାଠ କଲାବେଳେ ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ପ୍ରତିଫଳନ କରନ୍ତୁ।

- ଏହି ଗୁଣଗୁଡ଼ିକ କେଉଁଠାରୁ ଆସିଥାଏ ଓ କିପରି ତାହା ପ୍ରତିଫଳିତ ହୋଇଥାଏ ? କଠୋର ପରିଶ୍ରମ କରି ପାଠପଢ଼ିବା ପାଇଁ ସେ କେଉଁଠାରୁ ପ୍ରେରଣା ପାଇଥିବେ ? ତାଙ୍କର ଠିକ୍ ପାଖପାଖ ପରିବାର ଗୋଷ୍ଠୀ ଓ ବିଦ୍ୟାଳୟ ବିଷୟରେ ଚିନ୍ତା କରନ୍ତୁ।
- ଆପଣଙ୍କ ସହକର୍ମୀ ଓ ଶିକ୍ଷାର୍ଥୀମାନଙ୍କୁ ପ୍ରେରଣା ଦେବା ଓ ଅନ୍ତର୍ନିବେଶକୁ ପ୍ରୋତ୍ସାହନ ଦେବା ଭଳି ଅନ୍ୟ କିଛି ଏପରି ସଫଳ କାହାଣୀ ରହିଛି କି? ଏହା ସେହି ଶିକ୍ଷାର୍ଥୀମାନଙ୍କୁ ନେଇ କରାଯାଇପାରିବ ଯେଉଁମାନେ ଭିନ୍ନ ଭିନ୍ନ ପୃଷ୍ଠଭୂମିରୁ ଆସିଥିବେ ଓ ଆପଣ ବିଦ୍ୟାଳୟରୁ ଯାଇ ଭିନ୍ନ ଭିନ୍ନ କ୍ଷେତ୍ରରେ ସଫଳ ହୋଇଥିବେ ଅଥବା ଜଣାଶୁଣା ବ୍ୟକ୍ତିତ୍ୱ ଯିଏ କି ପ୍ରତିବନ୍ଧକମାନ ଅତିକ୍ରମ କରି ଆସିଥିବେ। ମନୋବୃତ୍ତି ଓ ଆଚରଣଗୁଡ଼ିକର ଆହ୍ୱାନକୁ ମୁକାବିଲା କରିବା ପାଇଁ ଆପଣ

ଏହି ସଫଳ କାହାଣୀଗୁଡ଼ିକୁ କିପରି ଉପଯୋଗ କରିବେ ?

ଉପର ଉଦ୍ଧୃତାଂଶରେ ଡଃ କଲାମଙ୍କର ତାଙ୍କ ପିତାମାତାଙ୍କଠାରୁ ଉତ୍ତରାଧିକାରରେ ପାଇଥିବା ଗୁଣ ବର୍ଣ୍ଣିତ। ସେ ମଧ୍ୟ ପ୍ରକାଶ କରିଛନ୍ତି ଯେ ତାଙ୍କର ଭାଇଭଉଣୀମାନେ ମଧ୍ୟ ଏହା ହାସଲ କରିଥିଲେ। ତଥାପି ତାଙ୍କର ପରିବାରର ଅଧିକାଂଶ ପାଠପଢ଼ାରେ ପ୍ରବେଶ କରିବା ପାଇଁ ଚାହିଁ ନାହାନ୍ତି ବା ଶୈକ୍ଷିକ ପାରଦର୍ଶିତା ହାସଲ କରିନାହାନ୍ତି। ତାଙ୍କର ବାପାମାଆଙ୍କ ପ୍ରଭାବ ସହିତ ବୋଧହୁଏ ତାଙ୍କ ଗୋଷ୍ଠୀର ସଦସ୍ୟମାନେ ମଧ୍ୟ ତାଙ୍କୁ ପ୍ରୋତ୍ସାହିତ କରିଥିବେ ତାଙ୍କର ଏକ ନମ୍ରତା ମୂଳ ଆଧାରରୁ ବିସ୍ତାରିତ ସନ୍ଦର୍ଭରେ ଉଠିବା ପାଇଁ ଯେଉଁମାନେ କି ଜାଣି ନ ଥିଲେ ଯେ ସେ ଭାରତର ରାଷ୍ଟ୍ରପତି ହେବେ। ତାଙ୍କର ସ୍କୁଲ ପାଠପଢ଼ା ଡଃ କଲାମଙ୍କୁ ସଫଳତା ହାସଲ କରିବାରେ ସହାୟକ ହୋଇଛି। ବୋଧହୁଏ ତାଙ୍କର ଏପରି ଶିକ୍ଷକ / ଶିକ୍ଷୟିତ୍ରୀ ଥିବେ ଯେଉଁମାନେ ତାଙ୍କୁ ତାଙ୍କର ନିମ୍ନତର ସ୍ଥିତି ଥିବା ସତ୍ତ୍ୱେ ମଧ୍ୟ ସମ୍ମାନ ଦେଇଥିବେ ଓ ପ୍ରୋତ୍ସାହିତ କରିଥିବେ । ବିଦ୍ୟାଳୟଗୁଡ଼ିକ କଠିନ ପରିଶ୍ରମ କରି ଶିକ୍ଷାର୍ଥୀମାନଙ୍କ ଭିତରେ ପ୍ରେରଣା ଗଠନ କରି ଶିକ୍ଷାର ପରବର୍ତ୍ତୀ ସ୍ତରକୁ ଅଗ୍ରସର ହେବାରେ ସାହାଯ୍ୟ କରିଥିଲେ । ସଫଳ କାହାଣୀଗୁଡ଼ିକୁ ବ୍ୟବହାର କରି ବିଶେଷତଃ ସ୍ଥାନୀୟ ଗୋଷ୍ଠୀଙ୍କ ମନୋବୃତ୍ତି ପରିବର୍ତ୍ତନ ପାଇଁ ଏକ ଶକ୍ତିଶାଳୀ ସାଧନ ଅଟେ।

ସଫଳ କାହାଣୀମାନ ପ୍ରଦର୍ଶନ କରିବା ସେଗୁଡ଼ିକୁ ଶ୍ରେଣୀରେ ପାଠ୍ୟକ୍ରମର କାର୍ଯ୍ୟର ଏକ ଅଂଶ ରୂପେ ବ୍ୟବହାର କରିବା ଅତିଥି ବକ୍ତାମାନଙ୍କୁ କିପରି ପ୍ରତିବନ୍ଧକ ମାନ ଅତିକ୍ରମ କରି ସଫଳ ହୋଇଛନ୍ତି ସେ ସମ୍ବନ୍ଧରେ ଆଲୋଚନା କରାଇବା ଏବଂ ବ୍ୟକ୍ତିଗତ ସଫଳ କାହାଣୀମାନଙ୍କଠାରୁ କ'ଣ ଶିକ୍ଷା ମିଳୁଛି ଆଲୋଚନା କରିବା ହେଉଛି ସହକର୍ମୀ ଓ ଶିକ୍ଷାର୍ଥୀମାନଙ୍କୁ ଅନ୍ତର୍ନିବେଶତାକୁ ଆଲୋଚନା କରିବା ପାଇଁ ଉପଯୋଗୀ ଉପାୟ ମାନ ଅଟେ ।

## ୩ ଶିକ୍ଷଣ ଫଳାଫଳକୁ ଉନ୍ନତ କରିବା ପାଇଁ ପଦକ୍ଷେପଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ରଖିବା / ସଜାଡ଼ିବା ।

ଶିକ୍ଷଣର ସୁଯୋଗ ପାଇବା ପାଇଁ ଅନେକଗୁଡ଼ିଏ କାରକ ଯେପରି ଉପସ୍ଥାନ, ଗଣବେଶ କିଣିବାରେ ସାମର୍ଥ୍ୟ, ବିଦ୍ୟାଳୟକୁ ଯିବାରେ ଶିକ୍ଷାର୍ଥୀର ସାମର୍ଥ୍ୟ ବା ବିଦ୍ୟାଳୟରେ ଶୌଚାଳୟ ସୁବିଧାର ସୀମିତତା ଆଦି ପ୍ରଭାବିତ କରିଥାଏ । ତା' ସହିତ ଶିକ୍ଷାର୍ଥୀମାନେ ଶ୍ରେଣୀଗୃହରେ ତାଙ୍କର ଶିକ୍ଷଣକୁ ଶିକ୍ଷକଙ୍କ ମନୋବୃତ୍ତି ଯୋଗୁଁ ପ୍ରଭାବିତ ହେଉଥିବେ ।

ଶିକ୍ଷଣ ଶିକ୍ଷାଦାନର ପଦ୍ଧତି ଓ ବ୍ୟବହୃତ ସାମଗ୍ରୀ ଏବଂ ପାଠ୍ୟ ଖସଡ଼ାର ଉପସ୍ଥାନ ଆଦି କ୍ଷେତ୍ରରେ ଶିକ୍ଷାର୍ଥୀମାନେ ସୁବିଧାଜନକ ଅଭିଜ୍ଞତା ହାସଲ କରିପାରନ୍ତି । ଯେଉଁ ଶିକ୍ଷାର୍ଥୀମାନେ ହୃଦୟଙ୍ଗମ କରିଥାନ୍ତି ଯେ, ସେମାନେ ଅଲଗା ଓ ବିଦ୍ୟାଳୟର ଆବଶ୍ୟକତା ସହ ଖାପଖୁଆଇ ଚଳିବାର ଆବଶ୍ୟକତା ରହିଛି, ସେମାନେ ତାଙ୍କ ପାଠପଢ଼ାରେ କେତେ ଯେ କଠିନ ପରିଶ୍ରମ କରନ୍ତି ସେ ବିଷୟରେ ଆପଣ ସଚେତନ ଅଛନ୍ତି। ଏହା ଦାବି କରାଯାଇପାରେ ଯେ ଶିକ୍ଷାର୍ଥୀମାନେ ନିଶ୍ଚୟ ସଫାସୁତୁରା କରି ଲେଖିଛେ । ଚାରିମିଟର ଦୂରରୁ ରହି କଳାପଟାରୁ ପଢ଼ିବେ ବା ସେମାନେ ଏକ ଲମ୍ବା ସମୟ ପାଇଁ ବସିବେ ଓ ଶୁଣିବେ।

ଶିକ୍ଷାର୍ଥୀମାନେ ଏହି (ବା ଅନ୍ୟାନ୍ୟ) ଆବଶ୍ୟକତାଗୁଡ଼ିକୁ ବିଭିନ୍ନ ଭାବରେ ସମ୍ବୋଧିତ କରନ୍ତି ଯେପରି ସହଜରେ ବା ଅତ୍ୟନ୍ତ କଷ୍ଟରେ । କେତେକ ଶିକ୍ଷାର୍ଥୀଙ୍କ ପାଇଁ ଏହି ଆବଶ୍ୟକତାଗୁଡ଼ିକ ପୂରଣ କରିବା ପାଇଁ ସାମାନ୍ୟ ପ୍ରଚେଷ୍ଟା ଦରକାର । ଅନ୍ୟ କେତେକ କ୍ଷେତ୍ରରେ ସେମାନେ ଏହି ଆବଶ୍ୟକତାଗୁଡ଼ିକ ପୂରଣ କରିବାରେ ସକ୍ଷମ ହୁଅନ୍ତି ଯେତେବେଳେ ସେମାନେ ତାଙ୍କ ଜୀବନର ଉଲ୍ଲେଖନୀୟ ବ୍ୟକ୍ତିମାନଙ୍କ ସହାୟତା ପାଆନ୍ତି । (ସାଧାରଣତଃ ସେମାନଙ୍କର ପିତାମାତା ଓ ଶିକ୍ଷକ ଶିକ୍ଷୟିତ୍ରୀ)

ଏହା ସ୍ପଷ୍ଟ ଯେ ବିଦ୍ୟାଳୟମାନେ ଏହି ଖାପଖୁଆଇବାର ରଣକୌଶଳ ଓ ଅସୁବିଧାଗୁଡ଼ିକ ଅନିବାର୍ଯ୍ୟରୂପେ ଗ୍ରହଣ କରିବା ଦୃଷ୍ଟିଭଙ୍ଗୀକୁ ପରିବର୍ତ୍ତନ କରିବାକୁ ହେବ । ଜାତୀୟ ପାଠ୍ୟକ୍ରମ ରୂପରେଖରେ ଉଲ୍ଲେଖ କରାଯାଇଛି ଯେ ବିଦ୍ୟାଳୟ ଓ ଶିକ୍ଷାପ୍ରଦାନକାରୀଙ୍କ ଉପରେ ଦାୟିତ୍ୱ ଦିଆଯାଇଛି ।

ସମତା ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ସମସ୍ତ ଶିକ୍ଷାର୍ଥୀଙ୍କୁ ସେମାନଙ୍କ ଅଧିକାର ପାଇଁ ଦାବି କରିବା ସହିତ ସମାଜ ଓ ରାଷ୍ଟ୍ରଗଠନ ପାଇଁ ଅଂଶଦାନ କରିବା ପାଇଁ ସମର୍ଥ କରାଇବା । ସଂଖ୍ୟାନ୍ୟୂନ ଶିକ୍ଷାର୍ଥୀ ବିଶେଷତଃ ବାଳିକାମାନଙ୍କୁ ସେମାନଙ୍କ ଅଧିକାର ପାଇଁ ଦାବି କରିବା ତଥା ସାମୂହିକ ଜୀବନକୁ ଗଠନ କରିବାରେ ସକ୍ରିୟ ଭୂମିକା ନେବା ସମ୍ଭବ ବୋଲି ସେମାନଙ୍କୁ ସମର୍ଥ କରିବା ଶିକ୍ଷା ନିଶ୍ଚିତ ରୂପେ ସେମାନଙ୍କୁ ଅସମାନ ସାମାଜିକ ପ୍ରକ୍ରିୟାଜନିତ ପ୍ରତିବନ୍ଧକଗୁଡ଼ିକ ଅତିକ୍ରମ କରିବା ପାଇଁ ସଶକ୍ତ କରାଇବା ଏବଂ ସେମାନଙ୍କୁ ଏକ ସ୍ୱୟଂକ୍ରିୟ ଏକା ସମାନତା ସମ୍ପନ୍ନ ନାଗରିକ ରୂପେ ବିକାଶ କରିବା ପାଇଁ ସମର୍ଥ କରାଇବ ।

ଆପଣଙ୍କ ବିଦ୍ୟାଳୟର ବିଭିନ୍ନ ଗୋଷ୍ଠୀ / ସମୂହର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଓ ସେମାନଙ୍କର ଶିକ୍ଷଣ ସୁଯୋଗ ପାଇଁ ଭିନ୍ନ ଭିନ୍ନ ପ୍ରବେଶକୁ ବିଶ୍ଳେଷଣ କରିବା ନିହାତି ଆବଶ୍ୟକ । ଏହା ହେଉଛି ବାସ୍ତବତା ଯେ ଅଭ୍ୟାସ ଏବଂ ସମ୍ମୁଖୀନତାର ସୁଯୋଗ / ଅଭିଜ୍ଞତା ପାଇବାର ସୁଯୋଗ ଫଳରେ କେତେକ ଶିକ୍ଷାର୍ଥୀ କିଛି ବିଷୟ ସଅଳ ଶିଖିଯାନ୍ତି ଯାହା କି ଶିକ୍ଷାଦାନର ଉପାୟକୁ ଗୁରୁତ୍ୱ ଦେବା ଦୃଷ୍ଟିଭଙ୍ଗୀକୁ ବଦଳାଇ ଦେଇଥାଏ । ଉତ୍ତମ ଶିକ୍ଷାଦାନର କଳା, କେବଳ ସୂଚନା ପ୍ରଦାନ କରିବା ବଦଳରେ କୌଶଳମାନ ପ୍ରୟୋଗ ଯାହା ସମର୍ଥ ଶିକ୍ଷାର୍ଥୀମାନଙ୍କୁ ନିଜେ ନିଜର ଶିକ୍ଷଣ ଫଳାଫଳ ପାଇଁ ଉପାୟ ଖୋଜି ବାହାର କରିବେ ।

## ଶିକ୍ଷଣକାର୍ଯ୍ୟ-୪ : ଶିକ୍ଷଣ ପାଇଁ ସୁଯୋଗର ସମାନତାର ବିଶ୍ଳେଷଣ

ସାରଣୀ ୧କୁ ଥରେ ଦେଖନ୍ତୁ ଯେଉଁଥିରେ ଶ୍ରୀଯୁକ୍ତ ଶର୍ମା ତାଙ୍କ ବିଦ୍ୟାଳୟରେ ଥିବା ବିବିଧତାଗୁଡ଼ିକ ଉପରେ ଏବଂ ତାହା କିପରି ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଅଭିଜ୍ଞତା ସହିତ ସମ୍ବନ୍ଧିତ ତାହା ତାଙ୍କ ଡାଏରୀରେ ପ୍ରତିଫଳିତ କରିଛନ୍ତି । ଶ୍ରୀଯୁକ୍ତ ଶର୍ମା ବିବିଧତା ପରିସରଗୁଡ଼ିକୁ ଚିହ୍ନଟ କରିବାକୁ ଚାହୁଁଥିଲେ, କେତେଜଣ ଶିକ୍ଷାର୍ଥୀ ସଂପୃକ୍ତ ଅଛନ୍ତି ଓ କିପରି ତାହା ଅର୍ଟିଲ ଏଟ୍ ଅଲ୍‌ଙ୍କ ପରିସର ଅନୁସାରେ ଅନ୍ତର୍ନିବେଶକୁ ପ୍ରଭାବିତ କରୁଛି । ଏହା ଗ୍ରହଣ କରିବା ଦ୍ୱାରା ଯେ ଶିକ୍ଷଣ ଶିକ୍ଷଣ କେବଳ ବିଦ୍ୟାଳୟରେ ସଙ୍ଗଠିତ ହୁଏ ନାହିଁ । ଘରୋଇ ପରିସ୍ଥିତି କିପରି ଶିକ୍ଷାର୍ଥୀର ଶିକ୍ଷଣକୁ ପ୍ରଭାବିତ କରୁଛି ବୋଲି ସେ ଭାବୁଥିଲେ । ଶ୍ରୀଯୁକ୍ତ ଶର୍ମା ସଂଗ୍ରହ କରିଥିବା ତଥ୍ୟକୁ ଏହି ଏକକରେ "ଆପଣଙ୍କ ବିଦ୍ୟାଳୟକୁ ଉନ୍ନତ କରିବା ପାଇଁ ବିବିଧତାର ତଥ୍ୟକୁ ବ୍ୟବହାର କରିବା"ରେ ବ୍ୟବହାର କରି ତାଙ୍କର ଯୋଜନାକୁ ସୂଚିତ କରିଥିଲେ ।

***ସାରଣୀ-୧*** ବିଦ୍ୟାଳୟ ସମାନତା ଉପରେ ଶ୍ରୀଯୁକ୍ତ ଶର୍ମାଙ୍କର ପ୍ରତିଫଳନ

| କ | ଖ | ଗ | ଘ | ଙ |
|---|---|---|---|---|
| | **ବିବିଧତାର ପ୍ରକାର** | **ଶିକ୍ଷାର୍ଥୀମାନଙ୍କ ଶତକଡ଼ା ପରିମାଣ** | **ବିଦ୍ୟାଳୟ ଓ ଘରେ ପ୍ରବେଶର ଶତକଡ଼ା ହିସାବ ଗ୍ରହଣୀୟତା, ଅଂଶଗ୍ରହଣ ଏବଂ ଶିକ୍ଷଣରେ ଉପଲବ୍ଧି** | **ପଦକ୍ଷେପ, କାର୍ଯ୍ୟକ୍ରମ ବା ସମ୍ମିଳିତ ସହକର୍ମୀ** |
| ୧ | ବାଳକ | ୮୦ | ୯୦% ବାଳକମାନେ ସେମାନଙ୍କର ଉପାର୍ଜନ କ୍ଷମତା ବୃଦ୍ଧି ଓ ବିକାଶ ପାଇଁ ସୁଯୋଗ ପାଇଛନ୍ତି । ସେମାନେ ସାଧାରଣତଃ ଶ୍ରେଣୀର ସାମ୍ନାରେ ବସନ୍ତି ଏବଂ ପୁରୁଣା ଶିକ୍ଷକମାନେ ନିର୍ଦ୍ଦିଷ୍ଟ ରୂପେ ସେମାନଙ୍କୁ ସମର୍ଥନ କରନ୍ତି । | |
| ୨ | ବାଳିକା | ୨୦ | ୩୦% ବାଳିକା ଶିକ୍ଷାକୁ ଏକ ପୁଞ୍ଜିନିବେଶ ରୂପେ ଦେଖାଯାଏ ନାହିଁ ଯାହାକି ପରିବାରକୁ ପ୍ରତିଦିନ କରିପାରିବ । ସେମାନେ ସବୁବେଳେ ଉପସ୍ଥିତ ରହନ୍ତି ନାହିଁ ଏବଂ ସେମାନଙ୍କର ପାଖରେ କାଗଜକଲମ ଆଦି ଉପକରଣ ଥାଇ ନ ପାରେ । | |

| | | | | |
|---|---|---|---|---|
| ୩ | ଶିକ୍ଷଣ ଅପାରଗ | ୦୩ | ୨୦% ଶିଶୁମାନଙ୍କ ପାଇଁ ଉପଯୋଗୀ ହେଉଥିବା କୌଶଳ ଜାଣିବାରେ ଶିକ୍ଷକମାନଙ୍କୁ ସାହାଯ୍ୟ କରିବା ପାଇଁ ବିଶେଷଜ୍ଞ ନ ଥାନ୍ତି । ସେମାନଙ୍କର ଅସୁବିଧା ସ୍ୱାଭାବିକ ନୁହେଁ । ଯେତେବେଳେ କି ଅହେତୁକ ବିଳମ୍ବ ନ ହୋଇଛି ବା ବାପା ମା'ମାନଙ୍କ ସେପରି ଲଜ୍ଜାକର ପରିସ୍ଥିତିରେ ନ ପଡ଼ିଛନ୍ତି । | |
| ୪ | ସାମାଜିକ ଓ ଅର୍ଥନୈତିକ ସ୍ତରର ଉପର ଭାଗ | ୧୫ | ୬୦% ପରିବାରବର୍ଗ ଟ୍ୟୁସନ ଆକାରରେ ସହାୟତା କିଣନ୍ତି, କେତେକ ଶିକ୍ଷାର୍ଥୀ ଜାଣନ୍ତି ଯେ ସେମାନେ ତାଙ୍କ ପରିବାର ବ୍ୟବସାୟରେ ଯୋଗଦେବେ । ତେଣୁ ସେମାନଙ୍କ ଉପରେ ଅଭିପ୍ରେରଣା କମ୍ ଥାଏ । ଶିକ୍ଷାର୍ଥୀମାନଙ୍କ ଘରେ ବହିପତ୍ର ଖାତା ଆଦି ଏପରି ଶିକ୍ଷଣ ସହାୟତା ପାଇଁ ପ୍ରଯୁକ୍ତି ବିଦ୍ୟା ଉପକରଣ ମଧ୍ୟ ଘରେ ରହିଥାଏ । | |
| ୫ | ଓାମାଜିକ ଅର୍ଥନୈତିକ ସ୍ତରର ତଳ ଭାଗ | ୮୫ | ୪୦% ଘରୁ ପଢ଼ିବା ଓ ଲେଖିବା ପାଇଁ ବହୁତ କମ୍ ସହାୟତା ମିଳେ, କ୍ଷେତ୍ରରେ ଓ ଘରେ ବାପା ମା'ଙ୍କ ସହାୟତା କରିବାର ଆଶା ବହୁତ କମ୍ ଉପସ୍ଥାନ, ବାପା ମା'ଙ୍କ ସଂପୃକ୍ତି ଅଛ, ଶିକ୍ଷଣ ସାମଗ୍ରୀ ଓ ସମ୍ବଳର ଅଭାବ । | |
| ୬ | ଏାରୀରିକ ଅକ୍ଷମ | ୨ | ୩୦% ଭିନ୍ନକ୍ଷମମାନଙ୍କ ଶିକ୍ଷାକୁ ଏକ ପୁଞ୍ଜିନିବେଶ ଯାହା ତାଙ୍କର ପରିବାରକୁ ପ୍ରତିଦିନ ଦେଇପାରିବ ବୋଲି ଦେଖାଯାଏ ନାହିଁ । ବିଦ୍ୟାଳୟ ପ୍ରବେଶରେ | |
| ୭ | ବିଦ୍ୟାଳୟରେ ମୁସ୍‌ଲିମ ଶିକ୍ଷାର୍ଥୀ | ୧୦ | ୫୦% ଶିକ୍ଷାକୁ ମୂଲ୍ୟ ଦିଆଯାଏ କିନ୍ତୁ ଧାର୍ମିକ ଶିକ୍ଷା ଓ କଳା/ହସ୍ତକର୍ମ ଶିଖିବା ସହିତ ପ୍ରତିଦ୍ୱନ୍ଦିତା ରୂପେ ନେବା, ବାଳିକାମାନଙ୍କ ଶିକ୍ଷା ପାଇଁ କମ୍ | |
| ୮ | ହିନ୍ଦୁ | ୬୦ | ୮୦% ପରିବାର ବାଳକମାନେ ବାଳିକାମାନଙ୍କଠାରୁ ଅଧିକ ସମର୍ଥନ ପାଆନ୍ତ | |
| ୯ | ବଞ୍ଚିତ ଗୋଷ୍ଠୀ ତଫସିଲଭୁକ୍ତ ଜାତି/ଉପଜାତି | ୩୦ | ୪୦% ଘରୋଇ ସହାୟତାର ବହୁତ କମ୍ ସୁଯୋଗ, ଘରୋଇ କାର୍ଯ୍ୟରେ ଓ କ୍ଷେତ୍ରରେ ସାହାଯ୍ୟ କରିବାର ଆଶା, ଅପରିପୁଷ୍ଟ ଓ ଶକ୍ତିର ଅଭାବ, ଆତ୍ମସମ୍ମାନରେ ହ୍ରାସ । | |

ଆପଣଙ୍କ ବିଦ୍ୟାଳୟ ପାଇଁ ଶ୍ରୀଯୁକ୍ତ ଶର୍ମାଙ୍କର ସାରଣୀ ଭଳି ଏକ ସାରଣୀ ନିଜ ଶିକ୍ଷଣ ଡାଏରୀରେ ତିଆରି କରନ୍ତୁ (କିମ୍ବା ସମ୍ବଳ୨ର ସୂଚନା ମତେ) ସହକର୍ମୀମାନଙ୍କ ସହିତ ଏହି କାମକୁ ସମ୍ପୂର୍ଣ୍ଣ କରିବା ଉପଯୋଗୀ ପ୍ରମାଣିତ ହୋଇପାରେ । ଶିକ୍ଷାର୍ଥୀମାନେ ବିଦ୍ୟାଳୟର ବିଭିନ୍ନ ପରିସରରୁ କିପରି ଅଭିଜ୍ଞତା ହାସଲ କରୁଛନ୍ତି ସେ ସମ୍ପର୍କରେ ଆପଣ ଅନେକ ଧାରଣା ପାଇପାରିବେ ।

ପ୍ରଥମ ସ୍ତମ୍ଭରେ ଆପଣଙ୍କ ବିଦ୍ୟାଳୟକୁ ଆସୁଥିବା ଶିକ୍ଷାର୍ଥୀମାନଙ୍କଠାରେ ଲକ୍ଷ୍ୟ କରିଥିବା ବିଭିନ୍ନ ପ୍ରକାରର ବିବିଧତା ଆପଣଙ୍କ ବିଦ୍ୟାଳୟର ଉନ୍ନତି ପାଇଁ ବିବିଧତାର ତଥ୍ୟକୁ ବ୍ୟବହାର କରିବ ବା ଏହି ତଥ୍ୟ ବିଶ୍ଳେଷଣ ଦ୍ୱାରା ଚିହ୍ନଟ ହୋଇଥିବା ବିବିଧତାଗୁଡ଼ିକ ତାଲିକା କରନ୍ତୁ । ଆପଣ ଏହିପରି କାରକ / ଉପାଦାନମାନଙ୍କୁ ବିଚାରକୁ ନେଇପାରନ୍ତି ଯେପରି

- ସଭ୍ୟତା ସମୂହ
- ଗୋଷ୍ଠୀ

- ଆର୍ଥିକ ଓ ସାମାଜିକ ସ୍ଥିତି
- ଜାତି
- ଲିଙ୍ଗ
- ଭାଷା ବା ଉପଭାଷା
- ଧର୍ମ ଓ ବିଶ୍ୱାସ ବ୍ୟବସ୍ଥା
- ପରିବାରର ଗଠନ ଓ ଆକାର
- ପରିବାରରେ ଶିକ୍ଷାର ଇତିହାସ
- ସ୍ୱାସ୍ଥ୍ୟ
- ଭୌଗୋଳିକ ପରିସ୍ଥିତି

ଆପଣ ଯଦି ବିବିଧତା ପାଇଁ ତଥ୍ୟ ବିଶ୍ଳେଷଣ, ବିଦ୍ୟାଳୟ ଉନ୍ନତି ପାଇଁ ଏକକ ସମ୍ପୂର୍ଣ୍ଣ କରିଛନ୍ତି ତେବେ ଆପଣ 'ଖ' ଓ 'ଗ' ସ୍ତମ୍ଭ ସମ୍ପୂର୍ଣ୍ଣ କରିବାକୁ ଓ 'ଗ' ସ୍ତମ୍ଭ ଆରମ୍ଭ କରିବାକୁ ସଂଗ୍ରହ କରିଥିବା ତଥ୍ୟ ମାନ ବ୍ୟବହାର କରିପାରିବେ ।

ଏକ ମୋଟାମୋଟି ଚିତ୍ର / ତିଆରି ଆରମ୍ଭ କରିବା ପାଇଁ ଆନୁମାନିକ ଆକଳନ କରାଯାଇପାରେ । କିନ୍ତୁ ଏହି ଏକକରେ ଅନୁସନ୍ଧାନ କରି ଶେଷ ସିଦ୍ଧାନ୍ତ ନେବା ବେଳକୁ ଅଧିକ ସତର୍କତା ଅବଲମ୍ବନ କରିବେ ।

ବିଭିନ୍ନ ସମୂହମାନଙ୍କର କିପରି ପ୍ରବେଶ ଅଛି, ଗ୍ରହଣୀୟ ହୋଇଛନ୍ତି, ଶିକ୍ଷଣରେ ଅଂଶଗ୍ରହଣ ତଥା ଉପଲବ୍ଧି ହାସଲ କରୁଛନ୍ତି ସେ ସମ୍ପର୍କରେ ସ୍ତମ୍ଭ 'ଘ' ଆପଣଙ୍କୁ ଚିନ୍ତା କରିବା ପାଇଁ ଅନୁମତି ଦେବା । ଆପଣ ଆପଣଙ୍କ ସହକର୍ମୀମାନଙ୍କ ସହ ସମ୍ମିଳିତ ଭାବରେ କାର୍ଯ୍ୟ କରିବା ପାଇଁ ଓ ସମୟକ୍ରମେ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ପାଇଁ ଏହା କେବଳ ଏକ ପ୍ରାରମ୍ଭିକ ପ୍ରକ୍ରିୟା ଅଟେ । ସ୍ତମ୍ଭ 'ଙ' (ଶ୍ରୀଯୁକ୍ତ ଶର୍ମାଙ୍କ ସାରଣୀରେ ସମ୍ପୂର୍ଣ୍ଣ ହୋଇନାହିଁ । ଆପଣଙ୍କୁ ଆପଣଙ୍କ ସ୍କୁଲରେ ଅନ୍ତର୍ନିବେଶର ସମସ୍ୟାଗୁଡ଼ିକୁ ମୁକାବିଲା କରିବା ପାଇଁ ପଦକ୍ଷେପଗୁଡ଼ିକ ଚିନ୍ତା କରିବାରେ ସାହାଯ୍ୟ କରିବ ।

ଶେଷ ସ୍ତମ୍ଭଟି ଅନୁମତି ଦେଉଛି ଯେ ଚିହ୍ନଟ କରିଥିବା ସମସ୍ୟା ସବୁକୁ ସମାଧାନ କରିବା ପାଇଁ ଆପଣଙ୍କ ପାଖରେ କୌଣସି ଧାରଣା ଥିଲେ ତାର ବିବରଣୀ ଲେଖନ୍ତୁ । ଶ୍ରୀଯୁକ୍ତ ଶର୍ମା ସେହି ବିଭାଗକୁ ବ୍ୟବହାର କରିଥିଲେ ଯାହା ତାଙ୍କ ବିଦ୍ୟାଳୟ ସହ ସମ୍ପର୍କିତ ଥିଲା । ସେ ସଂଖ୍ୟାଗରିଷ୍ଠ ଓ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଦେଖି ପ୍ରତ୍ୟେକ ବିଭାଗ ସମ୍ପର୍କରେ କେତେକ ସାଧାରଣ ନିଷ୍ପତ୍ତିରେ ପହଞ୍ଚିଥିଲେ । ସେ କେବଳ ହିନ୍ଦୁ ଓ ମୁସଲିମ୍‌ମାନଙ୍କୁ ଅଲଗା ଏକକ କରିଛନ୍ତି ଏବଂ କେତେକ ବିନ୍ଦୁରେ ଅନ୍ୟ ଧର୍ମୀୟ ଗୋଷ୍ଠୀର ଗୁଣାବଳୀ ଲକ୍ଷ୍ୟ କରିଛନ୍ତି ।

## ଆଲୋଚନା

ଆପଣ ଶ୍ରୀଯୁକ୍ତ ଶର୍ମାଙ୍କର ତାଲିକାକୁ ଦେଖିଲେ ହୃଦୟଙ୍ଗମ କରିପାରିବେ ଯେ ଯେଉଁ ହିନ୍ଦୁ ଶିକ୍ଷାର୍ଥୀମାନେ ଅପେକ୍ଷାକୃତ ଧନୀକ ପରିବାରରୁ ଆସିଛନ୍ତି ସେମାନଙ୍କ ଶିକ୍ଷଣ ପାଇଁ ସର୍ବୋତ୍କୃଷ୍ଟ ସୁଯୋଗ ରହିଛି। ଏହା ଆପଣ ତିଆରି କରିଥିବା ସାରଣୀ ସହ ସମ୍ପର୍କିତ କି ?

ଏହା ଅଗ୍ରାଧିକାର ଭିତ୍ତିରେ ଜଣାପଡୁଛି ଯେ, ଯେଉଁ ଶିକ୍ଷାର୍ଥୀମାନେ ଆର୍ଥିକ ଦୁର୍ବଳ ଶ୍ରେଣୀ ବା ତଫସିଲଭୁକ୍ତ ଜାତି/ଉପଜାତିରୁ ଆସିଛନ୍ତି ସେମାନଙ୍କ ଶିକ୍ଷଣ ପାଇଁ ସ୍ୱଳ୍ପ ସୁଯୋଗ ଅଛି। ଯଦି ସେ ଝିଅର ଶାରୀରିକ ଅକ୍ଷମତା ରହିଛି, ସେ ବୋଧହୁଏ କେବେ ବି ବିଦ୍ୟାଳୟକୁ ଆସିପାରିବ ନାହିଁ। ଏହା ଦ୍ୱିଗୁଣ ବା ତିନିଗୁଣ ପ୍ରତିବନ୍ଧକର ଧାରଣାକୁ ଅନୁପ୍ରବେଶ କରାଉଛି ଏବଂ ଯେଉଁ ଶିକ୍ଷାର୍ଥୀମାନେ ଏକାଧିକବର୍ଗର ଅଟନ୍ତି ସେମାନଙ୍କ ପାଇଁ ଆପଣ ଅଧିକ ସତର୍କ ହେବା ଉଚିତ୍।

ଆପଣ ଏହା ଉଲ୍ଲେଖ କରିବା ପାଇଁ ଆଗ୍ରହୀ ହେଉଥିବେ ଯେ ଶ୍ରୀଯୁକ୍ତ ଶର୍ମା "ସୁବିଧାରେ ଥିବା ସମୂହ"ଙ୍କ ପାଇଁ ସହଜିଆ ପ୍ରସ୍ତାବନା କରିନାହାନ୍ତି ସେମାନଙ୍କ ପାଇଁ ତାଙ୍କର ଚିନ୍ତା କରିବା ଆବଶ୍ୟକତା ନାହିଁ, ଲକ୍ଷ୍ୟ କରନ୍ତୁ ସେ ଚତୁର୍ଥ ସମୂହ / ଦଳରେ ଏହିମାନଙ୍କ

ସମ୍ପର୍କ ଚିହ୍ନଟ କରିଛନ୍ତି। ସେ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଏହି ଶିକ୍ଷାର୍ଥୀମାନେ ଶିକ୍ଷଣରେ ଶିକ୍ଷଣରେ ସମ୍ପୃକ୍ତ ହୋଇ ନ ପାରନ୍ତି ଯାହା କି ଶିକ୍ଷକ ପାଇଁ ମଧ୍ୟ ଚିନ୍ତାର ବିଷୟ ଅଟେ। ଠିକ୍ ସେହି ସମୟରେ ଏହି ସାରଣୀରେ ଏହି କଥା ଉଲ୍ଲେଖ ହୋଇନାହିଁ କି ଶିକ୍ଷାର୍ଥୀମାନେ ଅନେକ ସମୂହରେ ମଧ୍ୟ ଚିହ୍ନଟ ହୋଇପାରିବେ ଓ ସେମାନଙ୍କର କୃତି ବହୁ କ୍ଷେତ୍ରୀୟ ହୋଇପାରେ। ଏହା ଗ୍ରହଣୀୟ କରିଦେବା ଗୁରୁତ୍ୱପୂର୍ଣ୍ଣ ଯେ ଆପଣ ଯଦି ଝିଅମାନଙ୍କୁ ଏକ ଦଳରେ ରଖିବେ ତେବେ ଏହା ବିବିଧତା ଗଣି ହେବ। ଯେପରି କୌଣସି ଦଳ ଏକ ନିର୍ଦ୍ଦିଷ୍ଟ ଧର୍ମ ଚିହ୍ନଟ ହୋଇଥିବା ଦଳକୁ ଏକାଠି ରଖା ଗଲେ ଦଳ ମଧ୍ୟରେ ଥିବା ବ୍ୟକ୍ତିଙ୍କୁ ଦେଖିବା ଏବଂ ବିଦ୍ୟାଳୟର ଶିକ୍ଷଣରେ ସେମାନଙ୍କର ନିର୍ଦ୍ଦିଷ୍ଟ ଚିହ୍ନଟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଶିକ୍ଷାର୍ଥୀଙ୍କ ଶିକ୍ଷଣ ଫଳାଫଳରୁ ଆପଣ ଚିହ୍ନଟ କରିଥିବା ଦୁଇ ବା ତିନୋଟି ସମସ୍ୟା ବିଶେଷ ଭାବରେ ପ୍ରଭାବିତ କରିବ; ଏବଂ ଏଗୁଡ଼ିକ ଆପଣଙ୍କର ଅଗ୍ରାଧିକାରର ପରିସର ହେବ। ଆପଣ ଏହି ଏକକରେ ଏଗୁଡ଼ିକୁ ପୂର୍ବରୁ ଚିହ୍ନଟ କରିବା ଆରମ୍ଭ କରିସାରିଥିବେଣି ବିଦ୍ୟାଳୟର ଉନ୍ନତି ପାଇଁ ବିବିଧତାର ତଥ୍ୟକୁ ବ୍ୟବହାର କରି ଓ ଏଗୁଡ଼ିକୁ ସମାଧାନ କରିବା ପାଇଁ ଆପଣ ସହକର୍ମୀମାନଙ୍କ ସହିତ ମିଶି ଏକ ବିଶେଷ ଯୋଜନା ପ୍ରସ୍ତୁତ କରିବାର ପ୍ରକ୍ରିୟା ଆରମ୍ଭ କରିଥିବେଣି। କିନ୍ତୁ ପ୍ରତ୍ୟେକ ପଦକ୍ଷେପ ଏକ ବଡ଼ ପଦକ୍ଷେପ ହେବା ଆବଶ୍ୟକ ବୋଲି ଅନୁଭବ କରନ୍ତୁ ନାହିଁ। ପ୍ରାରମ୍ଭିକ ପର୍ଯ୍ୟାୟରେ ଅତି ସହଜ ପରିବର୍ତ୍ତନ ଆଣିବା ପାଇଁ ଚେଷ୍ଟା କରନ୍ତୁ ଯଥା ଶ୍ରେଣୀରେ ବସିବା ବ୍ୟବସ୍ଥା।

ତଥ୍ୟକୁ ବ୍ୟବହାର କରି ଓ ଅଗ୍ରାଧିକାର କ୍ଷେତ୍ରଗୁଡ଼ିକ ଚିହ୍ନଟ କରି ଆପଣ ସହକର୍ମୀଙ୍କ ସହିତ ମିଳିତ ଭାବେ ପାଠ୍ୟକ୍ରମରେ ଶିକ୍ଷାଦାନ କୌଶଳ ସହାୟତା ବ୍ୟବସ୍ଥା ବା ଶିକ୍ଷାର୍ଥୀଙ୍କ ପ୍ରଣାଳୀରେ କିପରି ପରିବର୍ତ୍ତନ କରାଯାଇପାରିବ ତାକୁ ବୁଝିବେ, ଶିକ୍ଷକଗଣ ଓ ଗୋଷ୍ଠୀର ଅନ୍ୟ ବୟସ୍କ ବ୍ୟକ୍ତି ସହ କଥାବାର୍ତ୍ତା କରି କିପରି ଅନ୍ତର୍ନିବେଶୀ ଶିକ୍ଷଣ ପରିବେଶ ସୃଷ୍ଟି କରିପାରିବେ, ସେଗୁଡ଼ିକୁ ବୁଝିବା ଦରକାର।

## ୪ ଏକ ଉନ୍ନତତର ଅନ୍ତର୍ନିବେଶୀ ଶିକ୍ଷଣ ପରିବେଶ ସୃଷ୍ଟି ପାଇଁ ଅନ୍ୟମାନଙ୍କ ସହ ମିଶି କାର୍ଯ୍ୟ କରିବା।

ମନୋବୃତ୍ତି ଆପରଚଣ ତଥା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଏବଂ ଏହିସବୁ ପରିବର୍ତ୍ତନ ଶିକ୍ଷାର୍ଥୀର ଶିକ୍ଷଣ ପାଇଁ କାହିଁକି ଶ୍ରେୟସ୍କର; ଏହା ଉପରେ ଲଗାତାର ଗୁରୁତ୍ୱ ପ୍ରଦାନ ଏକ ସମୟସାପେକ୍ଷ ପ୍ରକ୍ରିୟା। ଜଣେ ନେତା ରୂପେ ଆପଣ ଆପଣଙ୍କ ନିଜର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆରମ୍ଭ କରିସାରିଥିବେ ତଥା ଅଧିକତର ଅନ୍ତର୍ନିବେଶୀ ମନୋବୃତ୍ତି ମୋ ଆଚରଣ ଆଦର୍ଶ ରୂପେ ପ୍ରଦର୍ଶନ କରୁଥିବେ କିନ୍ତୁ ଆପଣଙ୍କ ସହକର୍ମୀମାନେ ଯଦି ବ୍ୟକ୍ତିଗତ ସ୍ତରରେ ସେମାନଙ୍କର ଆଚରଣଗୁଡ଼ିକର ପ୍ରଭାବଗୁଡ଼ିକ ବିଷୟରେ ଚିନ୍ତା କରିବା ପାଇଁ ବ୍ୟକ୍ତିଗତ ସ୍ତରରେ ସଶକ୍ତ ଅଟନ୍ତି ତା'ହେଲେ କେବଳ ଅଧିକରୁ ଅଧିକ ଅନ୍ତର୍ନିବେଶୀ ହୋଇପାରିବେ ତଥା ଅନ୍ୟମାନେ କ'ଣ କରୁଛନ୍ତି ଶୁଣିବେ ଓ ସେମାନଙ୍କ ଭାବନାକୁ ଅନ୍ୟମାନଙ୍କ ସହ ବିନିମୟ କରିବେ । ଅନ୍ତର୍ନିବେଶୀ ଶିକ୍ଷଣ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଫଳାଫଳରେ ସର୍ବାଧିକ ସଫଳତା ଆଣିବ ଯଦି ଏହା ବିଦ୍ୟାଳୟ ମଧ୍ୟରେ ଓ ଶିକ୍ଷାର୍ଥୀର ପ୍ରତ୍ୟେକ ଦିଗର ଅଭିଜ୍ଞତା ସହିତ ଦୃଢ଼ ଭାବେ ସ୍ଥାପିତ ହେବ। ତେଣୁ ସମସ୍ତ କାର୍ଯ୍ୟକର୍ତ୍ତା ସମ୍ମିଳିତ ଭାବରେ ଯୋଜନାର ପ୍ରକ୍ରିୟା ଓ ପଦକ୍ଷେପ ଗ୍ରହଣରେ ସମ୍ପୃକ୍ତ କରିବା ନିହାତି ଆବଶ୍ୟକ।

ବର୍ତ୍ତମାନ ଶ୍ରୀମତୀ ସେମାନଙ୍କର କାହାଣୀ ପଢ଼ନ୍ତୁ। ଜଣେ ବିଦ୍ୟାଳୟ ମୁଖ୍ୟ ଯିଏ କି ତାଙ୍କ ବିଦ୍ୟାଳୟର ସମତା ବିବିଧତା ଏବଂ ଅନ୍ତର୍ନିବେଶ ଦିଗରେ ପଦକ୍ଷେପ ନେବାକୁ ବାଧ ହୋଇଥିଲେ।

### ପରିସ୍ଥିତି ଅଧ୍ୟୟନ ୧: ଶ୍ରୀମତୀ ମେନନଙ୍କ ସହକର୍ମୀମାନଙ୍କ ସହ ବୈଠକ

ଆର୍ଥିକ ଦୃଷ୍ଟିରୁ ବଞ୍ଚିତ ପରିବାରର ଶିକ୍ଷାର୍ଥୀମାନଙ୍କୁ ଶତକଡ଼ା ୨୫ ଭାଗ ସ୍ଥାନ ସଂରକ୍ଷଣ କରିବାକୁ ଏକ ଆଦେଶ ଶ୍ରୀମତୀ ମେନନ (ଏକ ପ୍ରାଥମିକ ବିଦ୍ୟାଳୟର ଅଧକ୍ଷ )ଙ୍କ ପାଖରୁ ପାଇଲେ। ସେ ତାଙ୍କର ସହକର୍ମୀମାନଙ୍କୁ ଅନୁଭବ କଲେ ଯେ, ନୂତନ ଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ୭୫ ଶତକଡ଼ା ଶିକ୍ଷାର୍ଥୀଙ୍କୁ ତାଙ୍କୁ ବିଦ୍ୟାଳୟରେ ବାଧ କରି ଆର୍ଥିକ ଦୃଷ୍ଟିରୁ ବଞ୍ଚିତ ବୋଲି ଅଭିହିତ କରାଯାଇପାରିବ ନାହିଁ। ତଥାପି ଏହି ଆଦେଶ ଏକ ସରକାରୀ ନିର୍ଦ୍ଦେଶାବଳୀ ରୂପେ ପହଞ୍ଚିଲା ପରେ ସେ ଏହାକୁ ଉପେକ୍ଷା

କରିପାରିଲେ ନାହିଁ। ସେ ଏହି ଖବରକୁ ତାଙ୍କର ପରିଚାଳନା ବୋର୍ଡକୁ ଜଣାଇବାକୁ ପଡ଼ିବ। ସେମାନେ ତାଙ୍କୁ ପଚାରିବେ, ସେ କିପରି ଏହା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ସେ ଦିନ ଶୁକ୍ରବାର ଥିଲା ଓ ତାଙ୍କ ପାଖରେ କିଛି ଯୋଜନ ନ ଥିଲା।

ସେହି ସମୟରେ ସେ ବସ୍‌ରେ ଘରକୁ ଫେରୁଥିଲେ। ଶ୍ରୀମତୀ ମେନନ ଏହି ଆଦେଶର ଏକ ନକଲ ତାଙ୍କର ସହକର୍ମୀମାନଙ୍କୁ ପାଖକୁ ପଠାଇ ଦେଉଥିଲେ। ଯେଉଁଥିରେ କି ଏକ ଅନୁରୋଧ ରହିଥିଲା ଯେ ଏହି ପ୍ରସଙ୍ଗରେ ସୋମବାର ହେବାକୁ ଥିବା ଏକ ବୈଠକରେ ସମସ୍ତେ ଉପସ୍ଥିତ ରହିବେ। ସେ ମଧ୍ୟ ଏହିପରି ଏକ ଲେଖା ଅଣଶୈକ୍ଷିକ କର୍ମଚାରୀମାନଙ୍କୁ ପାଖକୁ ମଧ୍ୟ ପଠାଇ ଦେଇଥିଲେ। ତାଙ୍କ ଆଲମିରାରୁ ଜାତୀୟ ପାଠ୍ୟକ୍ରମ ଆଧାର ଓ ଶିକ୍ଷା ଅଧିକାର ଆଇନର ଏକ ନକଲ ବାହାର କଲେ। ସେ ଏସବୁକୁ ଏହି ସପ୍ତାହ ମଧ୍ୟରେ ପଢ଼ିବେ ଓ ସୋମବାରରେ ହେବାକୁ ଥିବା ବୈଠକ ଯାହାକି ଝଡ଼ପୂର୍ଣ୍ଣ ହେବାର ସମ୍ଭାବନା ଅଛି।

ସେଥିପାଇଁ ପ୍ରସ୍ତୁତ ହେଲେ ଓ ସପ୍ତାହର ଶେଷ ଅବକାଶ ଦିବସ ପରେ ଯେବେ ଶ୍ରୀମତୀ ମେନନ୍ ବିଦ୍ୟାଳୟକୁ ଆସିଲେ ଏହା ସମ୍ପୂର୍ଣ୍ଣ ରୂପେ ଭିନ୍ନ ଥିଲା। ଯଦିଓ ସେ ଏପରି ସୋମବାର ଦିନ ନିୟମିତ ବିଦ୍ୟାଳୟ ଚାରିଆଡ଼େ ପଡୁଥିଲା। ଶ୍ରେଣୀ ପର୍ଯ୍ୟବେକ୍ଷଣ ବେଳେ ସେ ଶିକ୍ଷାର୍ଥୀଙ୍କୁ ଅନେକଗୁଡ଼ିଏ ପ୍ରଶ୍ନ ପଚାରିଲେ ଯେଉଁଗୁଡ଼ିକ ସେ ଅନ୍ୟଦିନ ପଚାରୁଥିବା ପ୍ରଶ୍ନମାନଙ୍କ ତୁଳନାରେ ଭିନ୍ନ ପ୍ରକାର ଥିଲା। ତା'ପରେ ସେ ଯେତେବେଳେ ତାଙ୍କର ଟିପା ଖାତା ମାନ ଦେଖିଲେ ସେ ଶିକ୍ଷଣ ସମ୍ବନ୍ଧଗୁଡ଼ିକ ବିଷୟରେ ପଚାରିଲେ ଏବଂ ଶିକ୍ଷାର୍ଥୀ କ'ଣ ଲେଖିଛି ଅପେକ୍ଷା ସେମାନେ କେଉଁ ବିଷୟବସ୍ତୁ ଲେଖିଛନ୍ତି ତାହା ଜାଣିବାକୁ ଅଧିକ ଆଗ୍ରହୀ ଥିବା ପରି ଦେଖାଗଲା।

ସେଦିନ ଅପରାହ୍ନରେ ଶ୍ରୀମତୀ ମେନନ ବୈଠକକୁ ଏକ ଭିନ୍ନ ଭାବରେ ଆରମ୍ଭ କଲେ। ସେ ଶିକ୍ଷକ / ଶିକ୍ଷୟିତ୍ରୀମାନଙ୍କୁ ଦଳଗତ ଭାବେ ବସିବା ପାଇଁ କହିଲେ। ପ୍ରତ୍ୟେକ ଦଳରେ ଜଣେ ବା ଦୁଇଜଣ ଅଣଶୈକ୍ଷିକ କର୍ମଚାରୀ ଯୋଗଦେଲେ। ସେ ଜାତୀୟ ପାଠ୍ୟକ୍ରମ ଆଧାରରେ କେତେକ ଅନୁଚ୍ଛେଦ ପଢ଼ି ଶୁଣାଇଲେ ଯେଉଁଥିରେ କି ସାମାଜିକ ପରିବର୍ତ୍ତନ ଆଣିବାରେ ଶିକ୍ଷାଦାତା / ଶିକ୍ଷା ପ୍ରଦାୟକର ଭୂମିକା / ଦାୟିତ୍ୱ ସମ୍ପର୍କରେ ଉଲ୍ଲେଖ ଥିଲା। ସେ ଏହି ଅନୁଚ୍ଛେଦଗୁଡ଼ିକର ନକଲ ଉକ୍ତ ଦଳମାନଙ୍କୁ ପ୍ରଦାନ କଲେ। ପଢ଼ିସାରିବା ପରେ ସେ କହିଲେ :

ଶୁକ୍ରବାର ପର୍ଯ୍ୟନ୍ତ ମୁଁ ଭାବିଥିଲି ଯେ ଆମକୁ ଶିଶୁମାନଙ୍କୁ ସମାଜ ସହିତ ଖାପଖୁଆଇବାରେ ସାହାଯ୍ୟ କରିବାକୁ ପଡ଼ିବ । କିନ୍ତୁ ସପ୍ତାହ ଶେଷରେ ମୁଁ ଜାତୀୟ ପାଠ୍ୟକ୍ରମ ଆଧାରକୁ ପ୍ରଥମଥର ଭଲ ଭାବରେ ପଢ଼ିଲି ଏବଂ ବୁଝିବାକୁ ଚେଷ୍ଟାକରି ଯେ କେଉଁଠାରୁ ଏହି ଆଦେଶ ପତ୍ରଟି ଆସିଲା। ଜାତୀୟ ପାଠ୍ୟକ୍ରମ ଆଧାର ଆଶା କରୁଛି ଯେ, ଶିକ୍ଷା ପ୍ରଦାୟକ ଭାବରେ ଆମକୁ ସମାଜରେ ରହିଥିବା ଅସମାନତା ଓ ଅସନ୍ତୁଳନରେ ସମସ୍ୟଶ ସହିତ କାର୍ଯ୍ୟ କରିବାକୁ ପଡ଼ିଥାଏ । ଏହା ଆଶାକରେ ଯେ ଆମ୍ଭେମାନେ ଶିଶୁମାନଙ୍କୁ ଏପରି ବିକଶିତ କରାଇବା ଯେପରି ଆମେ ଦେଶ ଏହିସବୁ ସମସ୍ୟାରୁ ମୁକ୍ତ ହୋଇପାରିବ। ଆମେ ସରକାରଙ୍କଠାରୁ ଏକ ନିର୍ଦ୍ଦେଶ ପାଇଛୁ ଯାହା ଆମକୁ ଆମ ମନୋବୃତ୍ତି ବଦଳାଇବାରେ ଏକ ସୁଯୋଗ ପ୍ରଦାନ କରିବ। ମୁଁ ପ୍ରତ୍ୟେକ ଦଳଙ୍କଠାରୁ ଆଶା କରୁଛି ଯେ, ସେମାନେ ଏହା ପରସ୍ପର ସହିତ ମତାମତ ବିନିମୟ କରନ୍ତୁ ଯେ, କିପରି ଏହି ଆଦେଶକୁ ସକାରାତ୍ମକ ରୂପେ ଗ୍ରହଣ କରାଯାଇପାରିବ ?

ଦେଶରେ କିପରି ସମାନତା ଅଣାଯାଇପାରିବ ସେଥିପାଇଁ ଆମକୁ ଏହି ବିଦ୍ୟାଳୟକୁ ଏକ ଜ୍ୱଳନ୍ତ ଉଦାହରଣ ରୂପେ ତିଆରି କରିବାକୁ ପଡ଼ିବ। ପ୍ରତ୍ୟେକ ଦଳ ଏହାକୁ କାର୍ଯ୍ୟକାରୀ କରିବାର କୌଶଳମାନ ନିର୍ଣ୍ଣୟ କରିବାର ଦାୟିତ୍ୱ ରହିଛି, ଯେପରି ଏହା ନିଶ୍ଚିତ କରାଯାଇପାରିବ ଯେ ଏହି ବର୍ଷରେ ଆସିବାକୁ ଥିବା ନୂତନ ଶିକ୍ଷାର୍ଥୀମାନଙ୍କୁ ଠିକ୍ ସେହିପରି ଭାବରେ ଗ୍ରହଣ କରିବେ, ଯେପରି ସେମାନେ ଅନ୍ୟ ବର୍ଗମାନଙ୍କରେ ଅନ୍ୟ ନୂତନ ଶିକ୍ଷାର୍ଥୀମାନଙ୍କୁ ଗ୍ରହଣ କରନ୍ତି। କୌଣସି ପ୍ରାକ୍ ବଦ୍ଧମୂଳ ଧାରଣା ବିନା ଆପଣମାନେ ଏହି ଆହ୍ୱାନକୁ ଗ୍ରହଣ କରୁଚନ୍ତି କି ?

ସହକର୍ମୀମାନଙ୍କ ବୈଠକ ଗୃହରେ ନୀରବତା ଛାଇଗଲା। ତା'ପରେ ଜଣେ ଶିକ୍ଷକ କହିଲେ, ହଁ ମହାଶୟା, ଆମେ ଏହି ଆହ୍ୱାନକୁ ଗ୍ରହଣ କରିପାରିବୁ ଏବଂ ଏହା ପରେ ସମସ୍ତେ କାର୍ଯ୍ୟରେ ଲାଗିଗଲେ।

ଶ୍ରୀମତୀ ମେନନ୍ ଦଳମାନଙ୍କ ପାଖକୁ ଗଲେ, ସେମାନଙ୍କ ଆଲୋଚନାକୁ ମନଯୋଗ ଦେଇ ଶୁଣିଲେ, ଯେଉଁ ଶିକ୍ଷକମାନେ ଧୈର୍ଯ୍ୟର ସହ କହୁଥିଲେ ତାକୁ ଲକ୍ଷ୍ୟ କଲେ। ସେ ଜାଣିଥିଲେ ଯେ ସେମାନେ ହେଉଛନ୍ତି ତାଙ୍କର ଆଗାମୀ ଦିନର ଅଗ୍ରଦୂତ ଯେଉଁମାନଙ୍କୁ ବାରମ୍ବାର କହିବାର ଆବଶ୍ୟକତା ରହିଛି। ପରିଚାଳନା ପରିଷଦର ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ପାଇଁ ବୈଠକ ଶେଷରେ ଶ୍ରୀମତୀ ମେନନ୍‌ଙ୍କ ପାଖରେ ଅନେକ କୌଶଳର ଅସ୍ତ୍ର ମହଜୁଦ ହୋଇଯାଇଥିଲା। ନିଜର ଢଙ୍ଗକୁ ବଦଳାଇ ଶ୍ରୀମତୀ ମେନନ୍‌ଙ୍କ ପାଖରେ ଅନେକ କୌଶଳର ଅସ୍ତ୍ର ମହଜୁଦ ହୋଇଯାଇଥିଲା। ନିଜର ଢଙ୍ଗକୁ ବଦଳାଇ ଶ୍ରୀମତୀ ମେନନ୍ ତାଙ୍କର ସହକର୍ମୀମାନଙ୍କ ବୈଠକକୁ ପରିଚାଳନା କରିଥିଲେ। ସେ ତାଙ୍କର ସହକର୍ମୀମାନଙ୍କୁ ସମସ୍ୟା ଓ ତା'ର ସମାଧାନ ସହିତ ସଂଶ୍ଳିଷ୍ଟ କରି ସେମାନଙ୍କ ସହାୟତାରେ ସେ ନିଜେ କେବେ ବି ଭାବିପାରି ନ ଥିବା କୌଶଳ ସୃଷ୍ଟି କରି ଅନ୍ତର୍ନିବେଶୀ ଶିକ୍ଷାକୁ ଆଦର୍ଶ ରୂପେ ପ୍ରତିପାଦନ କରିଥିଲେ।

## ଶିକ୍ଷଣକାର୍ଯ୍ୟ ୫ : ସହଭାଗୀତା ଦ୍ୱାରା ନୂତନ ଆଭିମୁଖ୍ୟକୁ ଖୋଜିବା

ପରିସ୍ଥିତି ଅଧ୍ୟୟନ ୧କୁ ପ୍ରତିଫଳିତ କରି ଆପଣଙ୍କ ଶିକ୍ଷଣ ଦୈନନ୍ଦିନୀରେ ନିମ୍ନ ପ୍ରଶ୍ନଗୁଡ଼ିକୁ ବିଚାର କରନ୍ତୁ ।

- ଶ୍ରୀମତୀ ମେନନ ନିର୍ଦ୍ଦେଶପତ୍ରର ସମସ୍ୟାକୁ ଗ୍ରହଣ କରି ନିଜର ମନୋବୃତ୍ତିର ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଥିଲା। ବିଚାର କରନ୍ତୁ ଯେ, ସେ ଏହି ପରିବର୍ତ୍ତନକୁ ଉସକାଇବା ପାଇଁ ସପ୍ତାହ ଶେଷରେ କ'ଣ ସବୁ କରିପାରିବେ ? ଆପଣ କ'ଣ ଅନୁଭବ କରୁଛନ୍ତି ଯେ ସେ ଏହି ପରିବର୍ତ୍ତନକୁ ଆଣିବା ପାଇଁ ତାଙ୍କୁ ସହଜ ବା କଷ୍ଟକର ହୋଇଥିବ ? ଜଣେ ବ୍ୟକ୍ତିକୁ ଏହିପରି ଏକ ପରିସ୍ଥିତିରେ ନିଜ ମାନସିକ ସ୍ଥିତିରେ ପରିବର୍ତ୍ତନ ଆଣିବାରେ କ'ଣ ସବୁ କାରକ ପ୍ରତିବନ୍ଧକ ହୋଇପାରେ ?
- ବୈଠକରେ ସହକର୍ମୀମାନଙ୍କୁ ମଧ୍ୟ ନିଜର ମନୋବୃତ୍ତିରେ ପରିବର୍ତ୍ତନ ଆଣିବା ପାଇଁ କୁହାଯାଉଥିଲା । ଏହା କରିବା ପାଇଁ ସେମାନଙ୍କୁ କ'ଣ ସହାୟକ ହୋଇଥିଲା ? ଆପଣ ସେଭଳି ପରିସ୍ଥିତିରେ ଥିଲେ ସହକର୍ମୀମାନେ ସେମାନଙ୍କ ମନୋବୃତ୍ତିରେ ପରିବର୍ତ୍ତନ ଆଣିବା ପାଇଁ କ'ଣ ସବୁ ଯୁକ୍ତିତର୍କ ଓ ସମ୍ବଳ ଉପଯୋଗ କରି ସେମାନଙ୍କୁ ସହାୟତା କରିଥାନ୍ତେ।
- ଦଳର ପ୍ରତ୍ୟେକ ସହକର୍ମୀ ସମ୍ମିଳିତ ଭାବରେ କାର୍ଯ୍ୟ କରିବା ପାଇଁ ଶ୍ରୀମତୀ ମେନନ୍ କି ପଦକ୍ଷେପ ନେଇଥିଲେ ?
- ଆପଣ ଏହି ଘଟଣା ଅଧ୍ୟୟନରୁ କ'ଣ ଶିକ୍ଷା ପାଇଲେ ଯାହା ଆପଣଙ୍କୁ ସେଭଳି ସମାନ ପରିସ୍ଥିତିରେ କାମ କରିବାରେ ସାହାଯ୍ୟ କରିବ।

### ଆଲୋଚନା

ଆପଣ ଲକ୍ଷ୍ୟ କରିଥିବେ ଯେ ଯଦିଓ ଶ୍ରୀମତୀ ମେନନ୍‌ଙ୍କର ଅନ୍ୟ ଗୋଷ୍ଠୀର ଶିକ୍ଷାର୍ଥୀମାନଙ୍କୁ ତାଙ୍କ ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କ ସହ ସମ୍ମିଳିତ କରାଇବାକୁ ନେଇ ସଂରକ୍ଷଣ ମନୋଭାବ ଥିଲା ସେ ଏହି ଆହ୍ୱାନକୁ ଗ୍ରହଣ କଲେ ଏବଂ ଏକ ସକରାତ୍ମକ ଆଭିମୁଖ୍ୟ ଗ୍ରହଣ କରିଲେ। ସେ ହୃଦୟଙ୍ଗମ କଲେ ଯେ ଗୋଷ୍ଠୀର ଶିକ୍ଷାର୍ଥୀମାନଙ୍କର ସଫଳ ଭାବରେ ସହାବସ୍ଥାନ ପାଇଁ ସେମାନଙ୍କ ପ୍ରବେଶ ଓ ନିବେଶ ପାଇଁ ତାଙ୍କୁ ଆବଶ୍ୟକ ପ୍ରସ୍ତୁତି କରିବାକୁ ପଡ଼ିବ।

ଶ୍ରୀମତୀ ମେନନଙ୍କ ନିଜସ୍ୱ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ପାଇଁ ସପ୍ତାହ ଶେଷରେ ସେ କ'ଣ ସବୁ ପଦକ୍ଷେପ ଗ୍ରହଣ କରିଥିବେ। ଏହା ଜଣାଯାଏ ଯେ ଏହି ନଥିପତ୍ର ଏପରି ପରିବର୍ତ୍ତନ ଆଣିବାରେ କାରକ ଅଟେ। ତାଙ୍କ ମନୋବୃତ୍ତିରେ ଏହି କାରଣ ଯୋଗୁଁ ପରିବର୍ତ୍ତନ ହୋଇଥିଲା ଓ ସମସ୍ୟାକୁ ସମ୍ମୁଖୀନ ହେବା ପାଇଁ ତାଙ୍କର ତୀକ୍ଷ୍ଣ ବୁଦ୍ଧି ସହାୟକ ହୋଇପାରିଲା। ଅବଶ୍ୟ ଆମେ ଜାଣୁ ଯେ, ଶିକ୍ଷାର୍ଥୀମାନଙ୍କ ଉପଲବ୍ଧି ଓ ସହଯୋଗିତାକୁ ମଧ୍ୟ ଆଗରେ ରଖି ଶ୍ରୀମତୀ ମେନନ୍ ଏହି ପ୍ରକାର ମନୋବୃତ୍ତିରେ ପରିବର୍ତ୍ତନ ପାଇଁ ଏହା

ସହଜ ହୋଇ ନ ପାରେ ଏବଂ ଆପଣଙ୍କ ସହକର୍ମୀମାନଙ୍କ ମଧ୍ୟରେ ଏପରି କେହିଥିବେ ଯିଏ ଜାଣତରେ ବା ଅଜାଣତରେ ଏହି ପରିବର୍ତ୍ତିତ ଭାବନା / ମନୋବୃତ୍ତି ସହିତ ଦ୍ୱନ୍ଦ / ସଂଘର୍ଷରତ ଥିବେ। ଏତେ ସ୍ୱଳ୍ପ ସମୟ ମଧ୍ୟରେ ବାହ୍ୟକାରକ ତଥା ସ୍ୱଳ୍ପ ସମୟର ତାଗିଦ୍ ଶ୍ରୀମତୀ ମେନନ୍‌ଙ୍କ ନିଜର ଦୃଷ୍ଟିଭଙ୍ଗୀରେ ସଂଗଠିତ କରାଇପାରିଲା। ଅବଶ୍ୟ ଆପଣ ଦୀର୍ଘ ସମୟବ୍ୟାପୀ ସମସ୍ୟାମାନ ଓ ତାର ସମାଧାନଗୁଡ଼ିକ ଚିହ୍ନଟ କରିବାକୁ ପଡ଼ିବ। ସହକର୍ମୀମାନଙ୍କ ଚିନ୍ତାଧାରା ଓ ପରିବର୍ତ୍ତନ ପାଇଁ ମଧ୍ୟବର୍ତ୍ତୀ ସମୟକୁ ଅତିକ୍ରମ କରିବାରେ ଯେଉଁମାନେ ଅସୁବିଧା ଭୋଗ କରୁଛନ୍ତି ସେମାନଙ୍କୁ ଧୀରେ ଧୀରେ ପରିବର୍ତ୍ତିତ କରିବାରେ ଆପଣ ସମର୍ଥ ହେବେ।

ଆମେ ସନ୍ଦେହ କରୁଛୁ ଯେ ଏତେ ସ୍ୱଳ୍ପ ସମୟ ମଧ୍ୟରେ ତାଙ୍କର ସହକର୍ମୀଙ୍କ ମନୋବୃତ୍ତିର ପରିବର୍ତ୍ତନ ଆଣିବା କଷ୍ଟକର ହୋଇପାରେ ତେଣୁ ସେ ତାଙ୍କ ସହକର୍ମୀଙ୍କ ପାଖରୁ କମ୍ ଆଶା ରଖୁଥିଲେ ଏବଂ ସେମାନେ ତାଙ୍କ ପାଖରୁ କ'ଣ ଚାହୁଁଛନ୍ତି ସେ ବିଷୟରେ ସେ ସ୍ପଷ୍ଟ ଥିଲେ। ସମସ୍ତ ଗବେଷଣାରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ, ଶିକ୍ଷାର ଲକ୍ଷ୍ୟ ସମ୍ପର୍କରେ ବିଦ୍ୟାଳୟର ମୁଖ୍ୟ ସ୍ପଷ୍ଟ ହୋଇଥିବେ ଓ ଅଳ୍ପ କେତେକ ଶିକ୍ଷା ସୁଯୋଗ ଅପେକ୍ଷା ସମସ୍ତଙ୍କ ପାଇଁ ସୁଯୋଗ ସୃଷ୍ଟି ହେଉଥିବା ଶିକ୍ଷାର ଲକ୍ଷ୍ୟକୁ ପ୍ରସାରିତ କରିବେ। ଜଣେ ବିଦ୍ୟାଳୟର ମୁଖ୍ୟ ଶିକ୍ଷାର୍ଥୀ ଓ ସହକର୍ମୀଙ୍କୁ ସମତା ଓ ବନ୍ଧୁତ୍ୱକୁ ମୂଲ୍ୟ ଦେଇ ବିଦ୍ୟାଳୟଟିଏ ଗଠନ କରିପାରିବେ।

ଆପଣ ଲକ୍ଷ୍ୟ କଲେ କି ଏହି ନୂତନ ଶିକ୍ଷାର୍ଥୀମାନଙ୍କୁ ପୂର୍ବ ବଦ୍ଧମୂଳ ଧାରଣା ନ ରଖି ଗ୍ରହଣ କରିବା ପାଇଁ ଶ୍ରୀମତୀ ମେନନ୍ ସହକର୍ମୀମାନଙ୍କୁ କହିଲେ। ଏହା ଏକ ମୌଳିକ ଅନୁରୋଧ। ଆମ ସମସ୍ତଙ୍କ ପାଖରେ ବଦ୍ଧମୂଳ ଧାରଣା ପୂର୍ବରୁ ରହିଛି ଯାହା କି ଅନେକ ସମୟରେ ଖରାପ ଅଭିଜ୍ଞତା ଉପରେ ଆଧାରିତ ହୋଇଥାଏ। କିନ୍ତୁ ପ୍ରାୟତଃ ଅନେକଥର କୌଣସି ପ୍ରକୃତ ପ୍ରମାଣ ନ ଥାଏ। ଆମକୁ ସବୁବେଳେ ଏହି ପ୍ରାକ୍‌ବଦ୍ଧମୂଳ ଧାରଣାଗୁଡ଼ିକର ଆଧାରର ସତ୍ୟତାକୁ ପରୀକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ। ଭିନ୍ନକ୍ଷମ ବ୍ୟକ୍ତି, ମହିଳା, ଆଦିମ ସମୂହ ଆଦିମାନଙ୍କ ବିରୋଧରେ ପ୍ରାକ୍‌ବଦ୍ଧମୂଳ ଧାରଣା ରହିବା ଅତି ସାଧାରଣ କିନ୍ତୁ ଏହି ବଦ୍ଧମୂଳ ଧାରଣାଗୁଡ଼ିକ ଅବାସ୍ତବ। ଏଥିପାଇଁ ବିଦ୍ୟାଳୟ ହେଉଛି ଉପଯୁକ୍ତ ସ୍ଥାନ। ଶ୍ରୀମତୀ ମେନନ୍‌ଙ୍କ ସନ୍ଦେହ କରୁଥିବା ବ୍ୟକ୍ତିମାନଙ୍କର ବିଦ୍ୟାଳୟର ଏହି ବଦ୍ଧମୂଳ ଧାରଣା ମନୋବୃତ୍ତିକୁ ମୁକାବିଲା କଲେ ନିଜକୁ ଏକ ଅଗ୍ରଣୀ ଉଦାହରଣ ଭାବରେ ଉପସ୍ଥାପିତ କରି ନିଜର ପ୍ରାକ୍ ବଦ୍ଧମୂଳ ଧାରଣାଗୁଡ଼ିକ ଆକଳନ ଓ ମୁକାବିଲା କରି ଦେଖାଇ ଦେଲେ।

ଆପଣ ମଧ୍ୟ ଲକ୍ଷ୍ୟ କରିଥିବେ ଯେ, ଶ୍ରୀମତୀ ମେନନ୍ ହୃଦୟଙ୍ଗମ କରିଥିଲେ ଯେ ସବୁ ସମସ୍ୟାକୁ ଏକାକୀ ତାଙ୍କୁ ସାମ୍ନା କରିବାକୁ ପଡ଼ିବ ନାହିଁ ସେ ବିଦ୍ୟାଳୟରେ ଉପଲବ୍ଧ ଥିବା ଧାରଣା ଓ କୌଶଳଗୁଡ଼ିକୁ ସମ୍ବଳ ରୂପେ ବ୍ୟବହାର କରିଥିଲେ ଯାହାକି ମିଳିତ ଭାବରେ ବିଦ୍ୟାଳୟ ଗୋଷ୍ଠୀ ସହ ଆହ୍ୱାନଗୁଡ଼ିକ ସାମ୍ନା କରିବାରେ ସହାୟକ ହେବ ଏବଂ ଆହୁରି ମଧ୍ୟ ଲକ୍ଷ୍ୟ କରିଥିବେ ଯେ ସେ ବିଦ୍ୟାଳୟ ଗୋଷ୍ଠୀର ସମସ୍ତ ସଦସ୍ୟ/ସଦସ୍ୟାଙ୍କୁ ସାମିଲ କଲେ। ଶିକ୍ଷକ ଭାବରେ ଆମେ ଅଣଶୈକ୍ଷିକ କର୍ମୀମାନଙ୍କୁ ସହଜରେ ବିଭେଦ କରି ରଖିବା କିନ୍ତୁ ଯେ କେହି ବି ଶିକ୍ଷାର୍ଥୀମାନଙ୍କ ସହ ସଂଶ୍ଲିଷ୍ଟ ସେ ସମସ୍ତେ ବିଦ୍ୟାଳୟ ଗୋଷ୍ଠୀ ମଧ୍ୟରେ ଅନ୍ତର୍ନିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ସହଭାଗୀ ହୋଇପାରିବ। ତେଣୁ ସେମାନେ ମଧ୍ୟ ଶୈକ୍ଷିକ କର୍ମକର୍ତ୍ତାମାନଙ୍କ ପରି ପରିପୂରକ ମୂଲ୍ୟବାନ ଆଭିମୁଖ୍ୟ ପ୍ରଦାନ କରିପାରିବେ।

ତାଙ୍କର ସହକର୍ମୀମାନେ ଅଗ୍ରାଧିକାର ଗୋଷ୍ଠୀର ଶିକ୍ଷାର୍ଥୀମାନଙ୍କ ସମ୍ପର୍କିତ ସମସ୍ୟାଗୁଡ଼ିକ ଆଲୋଚନା କଳାପରେ ସେମାନେ ସମ୍ମିଳିତ ଭାବରେ ପଦକ୍ଷେପ ନେବେ। ଯେପରି କି ଏହି ବର୍ଗର ଶିକ୍ଷାର୍ଥୀମାନେ ସେମାନଙ୍କର କ୍ଷମତା ଅନୁରୂପ ଉପଲବ୍ଧି ହାସଲ କରିବେ। ଶ୍ରୀମତୀ ମେନନ୍ ଓ ତାଙ୍କର ସହକର୍ମୀମାନେ ଏହି ପରିବର୍ତ୍ତନଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଯୋଜନା କରିପାରିବେ। ଏହି ପରିବର୍ତ୍ତନମାନ ସନ୍ଦର୍ଭ ଓ ଶିକ୍ଷାର୍ଥୀ ଆଧାରିତ ହେବ ।

**ଭିଡ଼ିଓ : ବିଦ୍ୟାଳୟ ନେତୃତ୍ୱ- ଅନ୍ତର୍ନିବେଶ**

## ଶିକ୍ଷଣକାର୍ଯ୍ୟ - ୬ : କାର୍ଯ୍ୟକାରୀ ଯୋଜନା ପାଇଁ ମୂଳ ରେଖା

କାର୍ଯ୍ୟ-୫ରେ ଶ୍ରୀଯୁକ୍ତ ଶର୍ମା ଲକ୍ଷ୍ୟ କରିଥିଲେ ଯେ, ପାକ ବଦ୍ଧମୂଳ ଧାରଣାର ଏକ ବସ୍ତୁ ହୋଇଥିବା ସହ ଏହି ସଂଖ୍ୟାଲଘୁ ଗୋଷ୍ଠୀର ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଝିଅମାନଙ୍କ ପାଇଁ ବହୁତ କମ୍ ଶିକ୍ଷଣ ସୁଯୋଗ ରହିଛି, ତଥା ଶିକ୍ଷା ଓ ସଚେତନତା ପାଇଁ ସ୍ୱଳ୍ପ ପ୍ରବେଶ ରହିଛି। ଏହି ଉଦାହରଣକୁ ନିଅନ୍ତୁ ବା ଆପଣ ଆପଣଙ୍କ ବିଦ୍ୟାଳୟରେ ଚିହ୍ନଟ କରିଥିବା ଅନ୍ତର୍ନିବେଶର କୌଣସି ପ୍ରାଥମିକତାର କ୍ଷେତ୍ରକୁ ବାଛନ୍ତୁ ଏବଂ ଭାବନ୍ତୁ ସେହିମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ କି କି ପଦକ୍ଷେପ ନେବେ। କାର୍ଯ୍ୟ-୬ରେ ଆପଣ ଏହି ବିଷୟରେ ଭାବିବା ଆରମ୍ଭ କରିବେ କିନ୍ତୁ ବର୍ତ୍ତମାନ ସମୟରେ ଆପଣ ଅଧିକ ଦୃଢ଼ ଓ ନିର୍ଦ୍ଦିଷ୍ଟ କାର୍ଯ୍ୟ ଯୋଜନା ତିଆରି କରିବେ। ଆପଣ ଅନ୍ୟ ସହକର୍ମୀମାନଙ୍କ ସହିତ କାର୍ଯ୍ୟ କରିପାରିବେ ଏବଂ ଆପଣ ନିଜେ ନିଜର ବୁଝାମଣାକୁ ବିନିମୟ ତଥା ଉପଯୁକ୍ତ ପଦକ୍ଷେପ ପାଇଁ ସହଭାଗୀତାରେ କାମ କରିପାରିବେ। ଆପଣ ଯଦି ନିମ୍ନଲିଖିତ କାମକୁ କରିବା ପାଇଁ ସ୍ଥିର କରନ୍ତି ତେବେ ଏହା ଆପଣଙ୍କୁ ସହାୟକ ହୋଇପାରେ।

ଆପଣଙ୍କ ବିଦ୍ୟାଳୟରେ ଥିବା ବିଭିନ୍ନ ସଂଖ୍ୟାଲଘୁ ଗୋଷ୍ଠୀର ଆର୍ଥିକ ଅନଗ୍ରସର ବର୍ଗର ଝିଅମାନଙ୍କୁ ଚିହ୍ନଟ କରନ୍ତୁ। ଶିକ୍ଷାର୍ଥୀମାନଙ୍କ ଶ୍ରେଣୀ, ବିଷୟ ତାଙ୍କ ପରିଚୟ ଓ ସାମାଜିକ ସାଂସ୍କୃତିକ ପୃଷ୍ଠଭୂମି ଏବଂ ପ୍ରତ୍ୟେକ ବିଷୟରେ ତାଙ୍କର ଗ୍ରେଡ଼ ଓ ଉପସ୍ଥାନ ଚିହ୍ନଟ କରନ୍ତୁ। ଆପଣଙ୍କୁ ଯଦି ବହୁତ ଶିକ୍ଷାର୍ଥୀଙ୍କ ଗୁରୁତ୍ୱ ପ୍ରଦାନ କରିବାକୁ ଅଛି ତେବେ ୬ରୁ ୧୦ ଶିକ୍ଷାର୍ଥୀଙ୍କ ଏକ ସମୂହକୁ ବାଛନ୍ତୁ ଯଦ୍ୱାରା ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅନୁଭବ କରିପାରିବେ।

- କେଉଁ ନିର୍ଦ୍ଦିଷ୍ଟ ଉପାୟରେ ଶିକ୍ଷାର୍ଥୀମାନେ ସୁବିଧାରୁ ବଞ୍ଚିତ ହୋଇଛନ୍ତି ତାକୁ ଆକଳନ କରନ୍ତୁ। ଅନ୍ତର୍ନିବେଶର ଚାରୋଟି ଯାକ ପରିସର (ପ୍ରବେଶ ଗ୍ରହଣୀୟତା, ସହଭାଗୀତା ଓ ଉପଲବ୍ଧି)କୁ ବିଚାର କରନ୍ତୁ।
- କୌଣସି ପାଠ ପଢ଼ାଉଥିବା ବେଳେ ଆପଣଙ୍କ ବ୍ୟସ୍ତ ସମୟରୁ କିଛି ସମୟ ବାହାର କରି ଏହି ଶିକ୍ଷାର୍ଥୀଙ୍କ ସହ ବସନ୍ତୁ। ଆପଣଙ୍କ ଧ୍ୟାନକୁ ସେମାନଙ୍କ ଉପରେ କେନ୍ଦ୍ରୀଭୂତ ନ କରି ସେମାନେ କିପରି ଶିକ୍ଷଣରେ ସଂପୃକ୍ତ ହେଉଛନ୍ତି ତାହା ପର୍ଯ୍ୟବେକ୍ଷଣ କରନ୍ତୁ। ନିଜକୁ ନିଜେ ପଚାରନ୍ତୁ ସେମାନେ ଅଂଶଗ୍ରହଣ କରୁଛନ୍ତି କି ? ସେମାନଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ କ'ଣ ସବୁ ପ୍ରତିବନ୍ଧକ ରହିଛି ? ବ୍ୟକ୍ତିଗତ ଭାବେ ସେମାନଙ୍କୁ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାରେ ଅଧିକ ଅଂଶଗ୍ରହଣ କରିବାକୁ ସେମାନଙ୍କୁ କିପରି ସହାୟତା ଦିଆଯାଇପାରିବ।
- ଆପଣଙ୍କୁ ସେମାନଙ୍କ ପୃଷ୍ଠଭୂମି ଓ ଗୃହ ପରିସ୍ଥିତିକୁ ଅଧିକରୁ ଅଧିକ ସାମଗ୍ରିକ ଭାବରେ ବୁଝିବାକୁ ପଡ଼ିବ। ଏହି ଶିକ୍ଷାର୍ଥୀମାନଙ୍କ ପିତାମାତାଙ୍କ ସହ ସାକ୍ଷାତ କରିବା ପାଇଁ ଚିନ୍ତା କରନ୍ତୁ। ସେମାନଙ୍କ ମଧ୍ୟରୁ କେହି ସେମାନଙ୍କର ପିଲା ବିଷୟରେ କେବେ କିଛି କହିଛନ୍ତି କି ? ବା ସେମାନଙ୍କର ପିଲା ବିଦ୍ୟାଳୟରେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ କେବେ ଜଣେଇଛନ୍ତି କି ? ବା ସେମାନେ ତାଙ୍କ ଶିଶୁ ପାଇଁ ରହିଥିବା ପସନ୍ଦ ବିଷୟରେ ଜଣାଇବା ପାଇଁ ସାକ୍ଷାତ କରୁଛନ୍ତି କି ? ସେମାନେ ତାଙ୍କ ଶିଶୁ ପାଇଁ କ'ଣ ଚାହାନ୍ତି ? ସେହି ଶିକ୍ଷାର୍ଥୀମାନେ ସେମାନଙ୍କ ଶିକ୍ଷଣ ପାଇଁ ବା ପରେ ଶିକ୍ଷଣ ପାଇଁ କ'ଣ ସବୁ ସହାୟତା ପାଆନ୍ତି :
- ଏହି ଶିକ୍ଷାର୍ଥୀମାନଙ୍କର ଏକ ସାକ୍ଷାତକାର ଆୟୋଜନ କରନ୍ତୁ ଏବଂ ସେମାନଙ୍କ ବିଦ୍ୟାଳୟରେ ଅନୁଭବ ଶିକ୍ଷଣ ବିଷୟରେ ଆଲୋଚନା କରନ୍ତୁ ଏବଂ ଆପଣ ଏହା ନିଶ୍ଚିତ କରନ୍ତୁ ଯେ ସେମାନେ କିପରି ନିର୍ଭିକ ଭାବରେ ଓ ସ୍ୱଚ୍ଛଳ ଭାବରେ କଥା ହୋଇପାରିବେ। ସେମାନଙ୍କର ପ୍ରତିକ୍ରିୟା ତଥା ଅନ୍ୟ ଫଳାଫଳକୁ ତାଙ୍କର ନିର୍ଦ୍ଦିଷ୍ଟ ଢଙ୍ଗରେ ପ୍ରବେଶ କରିବେ।

ଅବଶ୍ୟ ଏହା ଆବଶ୍ୟକ ଯେ ସେମାନଙ୍କଠାରୁ ସିଧାସଳଖ ଶୁଣିବେ। କାରଣ ସେମାନେ ସମ୍ମୁଖୀନ ହେଉଥିବା ନିର୍ଦ୍ଦିଷ୍ଟ ଜଟିଳତାଗୁଡ଼ିକ ଉପରେ ଭଲ ଭାବରେ ଅବଧାରଣା ରହିଥିବ ଓ ସେଥିପାଇଁ କ'ଣ ପ୍ରତିକାରାତ୍ମକ ପଦକ୍ଷେପ ନିଆଯାଇପାରିବ ତାହା ଠିକ୍ ଭାବରେ ସେମାନେ କହିପାରିବେ।

### ଆଲୋଚନା

ଆପଣ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ବ୍ୟକ୍ତିଗତ ଶୈକ୍ଷିକ କୃତିର ଏକ ଆଧାର ରେଖାଗଠନ କରିଛନ୍ତି । ଯଦିଓ ଏହି ଶିକ୍ଷାର୍ଥୀମାନଙ୍କର କେତେକ ଉପାଦାନ ସାଧାରଣ ଅଟେ ସେମାନଙ୍କୁ ଏକ ସମୂହ ଭାବରେ ବିବେଚନା କରିବା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ । ସେମାନଙ୍କର ଶିକ୍ଷଣ ଉପରେ ପ୍ରଭାବ ପକାଇବା ପାଇଁ ପ୍ରତ୍ୟେକଙ୍କ ପାଖରେ ଅନ୍ୟ ଏକ ଉପାଦାନ ଥାଇପାରେ ଯାହା ବ୍ୟକ୍ତିତ୍ୱରେ ବିଭିନ୍ନତା ମଧ୍ୟ ତାଙ୍କର ଶିଖିବା ପାଇଁ ପ୍ରସ୍ତୁତି ଓ ଉପଯୋଜନ କ୍ଷମତାକୁ ପ୍ରଭାବିତ କରିଥାଏ । ଏଣୁ ଆପଣ ସେମାନଙ୍କର ଶିକ୍ଷଣ ଅଭିବୃଦ୍ଧିର ଆବଶ୍ୟକତା ପୂରଣ ପାଇଁ ଏକମାତ୍ର ସମାଧାନ ଉପାୟ ଦେଖିବେ ନାହିଁ । ଯଦିଓ ସେମାନଙ୍କର କିଛି ସାଧାରଣ ବିଷୟ ଥାଇପାରେ ଯାହାକୁ ଆପଣ ସାମ୍ନା କରିବେ ।

ଆପଣଙ୍କ ବିଦ୍ୟାଳୟରେ ଥିବା କୌଣସି ଏକ ନିର୍ଦ୍ଦିଷ୍ଟ ଅନ୍ତର୍ନିବେଶୀ ସମସ୍ୟା ସମ୍ପର୍କରେ ବିଷଦ ଭାବରେ ଭାବନ୍ତୁ । ଆପଣ ଭଲଭାବେ ବୁଝିଥିବେ ଯେ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣରେ କ'ଣ ବାଧା ସୃଷ୍ଟି କରୁଛି ସେଥିପାଇଁ ପୂର୍ବରୁ ଚିହ୍ନଟ କରିଥିବା କାମଗୁଡ଼ିକ କରିବାର ଆବଶ୍ୟକତା ରହିଛି । ଅଧିକରୁ ଅଧିକ ଏକ ଅନ୍ତର୍ନିବେଶୀ ଶିକ୍ଷଣ ପରିବେଶ ସୃଷ୍ଟି କରିବାକୁ କ'ଣ ସବୁ ପଦକ୍ଷେପ ବା ବ୍ୟବସ୍ଥାମାନ ଗ୍ରହଣ କରିବାକୁ ପଡ଼ିବ ତାହା ଆପଣଙ୍କ ସନ୍ଦର୍ଭରେ ନିର୍ଦ୍ଦିଷ୍ଟ ଅଟେ ଓ ଏଥିପାଇଁ ନିମ୍ନଲିଖିତଗୁଡ଼ିକ ସଂଶ୍ଳିଷ୍ଟ ହୋଇପାରେ ।

- ଶିକ୍ଷକ ଓ ଶିକ୍ଷାର୍ଥୀ ମଧ୍ୟରେ ଏକ ଦୃଢ଼ ସହଭାଗିତା କିପରି ଗଠନ କରାଯାଇପାରିବ ବିଚାର କରିବା । ଯଦି ଶିକ୍ଷାର୍ଥୀମାନଙ୍କର କୌଣସି ଅସୁବିଧା ଥାଏ ସେଗୁଡ଼ିକୁ ପ୍ରକାଶ କରିବା ପାଇଁ ସମର୍ଥ କରାଇବା । ଯାହା କି କର୍ମକର୍ତ୍ତାମାନଙ୍କୁ ବୁଝିବାରେ ସାହାଯ୍ୟ କରିବ । ଶିକ୍ଷାର୍ଥୀମାନେ ଶିକ୍ଷଣକୁ କିପରି ଗ୍ରହଣ କରୁଛନ୍ତି କିମ୍ବା ଶିକ୍ଷକମାନେ ପ୍ରତିମତ ପ୍ରାପ୍ତ କରିବାରେ ଅଧିକ ସକ୍ରିୟ ହୋଇ ଜାଣିପାରିବେ ଯେ ଶିକ୍ଷାର୍ଥୀମାନେ ଯାହା ପାଉଛନ୍ତି ତାକୁ କିପରି ଅନୁଭବ କରୁଛନ୍ତି ।
- ଏପରି ଏକ ବ୍ୟବସ୍ଥାରେ ବିକାଶ କରାଇବା ଯେଉଁଥିରେ ଶିକ୍ଷାର୍ଥୀମାନେ ଶିକ୍ଷଣରେ ନକରାତ୍ମକ ପ୍ରଭାବ ପକାଉଥିବ ବ୍ୟକ୍ତିଗତ ପରିସ୍ଥିତିଗୁଡ଼ିକୁ ଆଲୋଚନା କରିବାକୁ ସମର୍ଥ ହେବେ ।
- ଯେଉଁଥିରୁ ଶିକ୍ଷାର୍ଥୀମାନେ ଶିକ୍ଷାଦାନ ପଦ୍ଧତି, ଶିକ୍ଷଣ ସମ୍ବଳମାନ ଓ ଆକଳନ ପ୍ରଣାଳୀକୁ ସମଯୋଜିତ କରିବା ସମ୍ପୂର୍ଣ୍ଣ ରୂପେ ଓ ଫଳପ୍ରଦ ଭାବରେ ଶିଖିବା ପାଇଁ ସମର୍ଥ ହେବେ ।
- ଶିକ୍ଷାର୍ଥୀମାନେ ଯେପରି ନିଜକୁ ନିରାପଦ, ସହାୟତା, ମୁକ୍ତ ଓ ସଫଳତା ପାଇଁ ସର୍ବାଧିକ ସୁଯୋଗ ପ୍ରାପ୍ତ ହେବେ । ତଦନୁଯାୟୀ ବିଦ୍ୟାଳୟ ପରିବେଶ ଓ ବ୍ୟବସ୍ଥାକୁ ପରିବର୍ତ୍ତିତ କରିବ ।
- ବିଦ୍ୟାଳୟ ସଂସ୍କୃତିରେ ସାମଗ୍ରିକ ଭାବରେ ନକରାତ୍ମକ ପ୍ରଭାବ ପକାଉଥିବା ସ୍ୱତନ୍ତ୍ର ମନୋବୃତ୍ତି ଓ ଆଚରଣଗୁଡ଼ିକର ମୁକାବିଲା କରିବା । ଏହା ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ପ୍ରକାଶିତ ହୋଇପାରେ । ଉଦାହରଣସ୍ୱରୂପ ସାମାଜିକ ଓ ଆର୍ଥିକ ଅନଗ୍ରସର ଗୋଷ୍ଠୀର ଶିକ୍ଷାର୍ଥୀମାନଙ୍କ ଉପଲବ୍ଧିରେ ହ୍ରାସକୁ ସାଧାରଣ ସର୍ତ୍ତ ଭାବରେ ଗ୍ରହଣ କରାଯାଇଥାଏ । ଭଲ ପ୍ରଦର୍ଶନ ପାଇଁ କୌଣସି ଅଭିଳାଷ ବିନା କିମ୍ବା ନଗଣ୍ୟ ମନେ ହେଉଥିବା କିଛି କଥା ଯେପରି : କିପରି ପୁରସ୍କାର ବା ସ୍ୱୀକୃତି ପ୍ରଦାନ କରାଯାଏ । (ଉଦାହରଣସ୍ୱରୂପ ଯଦି ବିଦ୍ୟାଳୟରେ ପୁରସ୍କାର କେବଳ ଖେଳ ପାଇଁ ଦିଆଯାଏ ଏବଂ ସବୁବେଳେ ପୁଅ ପିଲାମାନଙ୍କୁ ହିଁ ମିଳିଥାଏ ।)

## ଶିକ୍ଷଣକାର୍ଯ୍ୟ ୭ : ଅନ୍ତର୍ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ରଣକୌଶଳପୂର୍ଣ୍ଣ ଯୋଜନା ପ୍ରସ୍ତୁତ

ଏବେ ଆପଣ ସେହି ସଂଖ୍ୟାଲଘୁ ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଝିଅ, ଶିକ୍ଷାର୍ଥୀ, ଯେଉଁମାନଙ୍କର ଶିକ୍ଷା ଓ ସଚେତନତାରେ ପ୍ରବେଶ ବହୁତ କମ୍ ରହିଛି । ଯେଉଁମାନେ ପ୍ରାକ୍ ବଦ୍ଧମୂଳ ଧାରଣାର ବସ୍ତୁ ସେହିମାନଙ୍କୁ ନେଇ ଏକ ଯୋଜନା ତିଆରି କରିବେ କିମ୍ବା ଅନ୍ୟ କୌଣସି ଦଳ ଯାହାକୁ ଆପଣ ନିଜ ବିଦ୍ୟାଳୟରେ ଚିହ୍ନଟ କରିଥିବେ ।

- ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଶ୍ରେଣୀରୁ ଚିହ୍ନଟ କରିବା ପାଇଁ ଶିକ୍ଷକମାନଙ୍କୁ ଦାୟିତ୍ୱ ଦିଅନ୍ତୁ। ଯୋଜନାର ଉଦ୍ଦେଶ୍ୟ ପାଇଁ କ'ଣ ସବୁ ତଥ୍ୟ ସଂଗ୍ରହ କରାଯିବା ଆବଶ୍ୟକ ତାହା ଆଲୋଚନା କରନ୍ତୁ। ଏହା କିପରି ସଂଗ୍ରହ କରାଯିବ, ତାହା ମଧ୍ୟ ବ୍ୟାଖ୍ୟା କରନ୍ତୁ । (ଉଦାହରଣସ୍ୱରୂପ, କଥାବାର୍ତ୍ତା, ପର୍ଯ୍ୟବେକ୍ଷଣ, ପିତାମାତା ବା ଅନ୍ୟମାନଙ୍କ ମାଧ୍ୟମରେ) ଏବଂ ଏହା କିପରି ଲିପିବଦ୍ଧ କରାଯିବା କହିରଖନ୍ତୁ ।
- ଆପଣ ଓ ଆପଣଙ୍କ ସହକର୍ମୀ ସଂଗ୍ରହ କରିଥିବା ତଥ୍ୟଗୁଡ଼ିକୁ ଅଧ୍ୟୟନ କରନ୍ତୁ ଏବଂ ଆପଣଙ୍କ ସମ୍ମିଳିତ ଲକ୍ଷ୍ୟ ଚିହ୍ନଟ କରନ୍ତୁ ଯେ ଏହି ଝିଅମାନଙ୍କ ପରବର୍ତ୍ତୀ ବର୍ଷମାନଙ୍କରେ ଶିକ୍ଷଣ ଉପଲବ୍ଧିରେ କିପରି ପରିବର୍ତ୍ତନ ହୋଇପାରିବ।
- ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଆପଣ ପିତାମାତା ଓ ସହକର୍ମୀଙ୍କୁ ସାମିଲ କରି ଶିକ୍ଷାର୍ଥୀମାନଙ୍କ ସହ ସମୂହ ରୂପେ ନୁହେଁ ବ୍ୟକ୍ତିଗତ ଆଧାରରେ କାର୍ଯ୍ୟ କରିବା ପାଇଁ କୌଶଳର ବିକାଶ କରନ୍ତୁ । ଅନ୍ୟ କେହି ଏ ଦିଗରେ ଆପଣଙ୍କୁ ପରାମର୍ଶ ଦେଇପାରିବେ କି ?
- ଆପଣ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଝିଅମାନଙ୍କ ପିତାମାତାଙ୍କ ଓ ଆପଣଙ୍କ ସହକର୍ମୀଙ୍କ କୌଶଳ, ମନୋବୃତ୍ତି ବା ପ୍ରେରଣା ରୂପରେ କ'ଣ ସବୁ ପ୍ରତିବନ୍ଧକ ରହିଛି ଚିହ୍ନଟ କରନ୍ତୁ।
- ଆବଶ୍ୟକ କୌଶଳ ମନୋବୃତ୍ତି ଓ ପ୍ରେରଣା କିପରି ଗଠନ କରାଯାଇପାରିବ ଚିହ୍ନଟ କରନ୍ତୁ। (ଉଦାହରଣସ୍ୱରୂପ ପ୍ରଶିକ୍ଷଣ ବା ପ୍ରତ୍ୟେକ୍ଷ କାର୍ଯ୍ୟର ତାଲିମ) ଏବଂ ଆବଶ୍ୟକ ପଡୁଥିବା କୌଣସି ସମ୍ବଳକୁ ଯୋଗାଡ଼ କରନ୍ତୁ।
- ଶେଷରେ ପ୍ରଗତିକୁ ତଦାରଖ କରିବା ଓ ଫଳାଫଳକୁ ମୂଲ୍ୟାୟନ କରିବା ପାଇଁ ଏକ ସମୟ ସାରଣୀ ସହିତ ରାଜି ହୁଅନ୍ତୁ।
- ସାମିଲ ହୋଇଥିବା ବ୍ୟକ୍ତିଙ୍କ ସହ ଗ୍ରହଣ କରିଥିବା କୌଶଳ ଉପରେ ପ୍ରଗତି ପ୍ରତି ମତ ପ୍ରଦାନ ସମୀକ୍ଷା ଉପରେ ଆଲୋଚନା ପାଇଁ ନିୟମିତ ବୈଠକ କରନ୍ତୁ।

ଏହି କାର୍ଯ୍ୟକୁ ଆପଣ ଏକାକୀ କରିପାରିବେ ନାହିଁ। ଏକ ସାମଗ୍ରିକ ବିଦ୍ୟାଳୟର ଆଭିମୁଖ୍ୟକୁ ନିଶ୍ଚିତ କରିବା ପାଇଁ ଆପଣଙ୍କ ଦଳର ସମସ୍ତଙ୍କର ସଂପୃକ୍ତି ଆବଶ୍ୟକ। ଯଦି ଏପରି କିଛି ଥାଏ ତାହାହେଲେ ଆପଣ ମଧ୍ୟ ଚିହ୍ନଟ କରିଥିବା ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀମାନଙ୍କୁ ବା ଶିକ୍ଷାର୍ଥୀ ପରିଷଦକୁ ମଧ୍ୟ ସଂପୃକ୍ତ କରିବାକୁ ବିଚାର କରିପାରନ୍ତି। ଆପଣ ଗୋଷ୍ଠୀର କୌଣସି ସମୂହର ଉପଦେଶ / ପରାମର୍ଶ ବା ବିଶେଷ ଉପଲବ୍ଧିକୁ ଆଣିପାରନ୍ତି। ଯେଉଁମାନେ କି ଏହି ବିଶେଷ ଗୋଷ୍ଠୀର ସମସ୍ୟାକୁ ହୃଦୟଙ୍ଗମ କରୁଥିବେ ଏବଂ ଏହାଦ୍ୱାରା ଗୋଷ୍ଠୀ ସମ୍ପୃକ୍ତି ହୋଇପାରିବ।

## ୫ ପ୍ରଭାବର ମୂଲ୍ୟାୟନ

ସମାନତାର ଯାହା କିଛି ବି ଆହ୍ୱାନ ଆପଣ ଆପଣଙ୍କ ବିଦ୍ୟାଳୟରେ ସମ୍ମୁଖୀନ ହେଉଛନ୍ତି। ଯୋଜନା ପ୍ରସ୍ତୁତି ପୂର୍ବରୁ କୌଣସି ମୂଳରେଖାକୁ ଆପଣ ଆରମ୍ଭ ବିନ୍ଦୁ ରୂପେ ପ୍ରତିଷ୍ଠିତ କରିବା ଆବଶ୍ୟକ। ଏହି ମୂଳରେଖା ସଚ୍ଚୋଟତା ସହ ପରିସ୍ଥିତିର ସତ୍ୟଭିତ୍ତିକ ଆକଳନ ଆଧାରିତ ହୋଇଥିବ, ଯାହା କି ଆପଣ ମୁକାବିଲା କରିବାକୁ ଯାଉଥିବା ସମାନତାର ପ୍ରକୃତିକୁ ପରିମାଣିତ କରିବ। ତା'ପରେ ଆପଣ ପ୍ରଗତି ପାଇଁ ନେଇଥିବା ପଦକ୍ଷେପର ପ୍ରଭାବକୁ ମୂଲ୍ୟାୟନ ଓ ସମ୍ବଳର ଉପଯୋଗ ପାଇଁ ତଦାରଖ କରିପାରିବେ। କାରଣ ଆପଣଙ୍କ ମୂଳରେଖାଠାରୁ ପରିବର୍ତ୍ତିତ ପରିସ୍ଥିତି କିପରି ହୋଇଛି ପ୍ରଦର୍ଶନ କରିପାରିବେ।

ଆପଣଙ୍କ ପଦକ୍ଷେପର ପ୍ରଭାବ ମୂଲ୍ୟାୟନ ଦୁଇଟି ରୂପରେ କରାଯାଇପାରିବ ଏବଂ ତଥ୍ୟ ମୂଲ୍ୟାୟନ ଉପସ୍ଥାନ ଓ ଉପଲବ୍ଧି ଫଳାଫଳକୁ ଗ୍ରହଣ କରିବ। ଗୋଷ୍ଠୀର ଅଭିଜ୍ଞତା ବିଷୟରେ ସୂଚନା ଆହରଣ ଏକ ଘଟଣା ହୋଇପାରେ, ଯଦି ଆମେ ଝିଅ ଶିକ୍ଷାର୍ଥୀମାନଙ୍କ ଉଦାହରଣ ନେବା। ଯେଉଁମାନେ କି ସଂଖ୍ୟାଲଘୁ ଅର୍ଥନୈତିକ ଅନଗ୍ରସର ବର୍ଗର ଏବଂ ଶିକ୍ଷା ଓ ସଚେତନତା ପ୍ରତି ଅଳ୍ପ ପ୍ରବେଶ ରହିଛି ତଥା ପୂର୍ବ ବଦ୍ଧମୂଳ ଧାରଣାର ବସ୍ତୁ ହୋଇ ରହିଛନ୍ତି, ଆପଣ ଲକ୍ଷ୍ୟ କରିପାରନ୍ତି ଯେ, ସେମାନଙ୍କ ଅଭିଜ୍ଞତାକୁ ଶୁଣାଯାଉଥିବାରୁ ଝିଅମାନେ ଅଧିକ କହି ପାରୁଛନ୍ତି ଏବଂ ନିଜକୁ ଅଧିକ ମୂଲ୍ୟଯୁକ୍ତ ଅନୁଭବ କରୁଛନ୍ତି ଯେହେତୁ ସେମାନଙ୍କ ଅଭିଜ୍ଞତାକୁ ସମ୍ମାନ ଦିଆଯାଉଛି। ଏହା ସହିତ ସେମାନଙ୍କର ଶୈକ୍ଷିକ କ୍ଷେତ୍ରରେ ଉନ୍ନତିକୁ ତଥ୍ୟ ବିଶ୍ଳେଷଣ ମାଧ୍ୟମରେ ଆକଳନ କରାଯାଇପାରିବ।

ଆପଣ କିପରି ଏହି ପ୍ରମାଣମାନ ଏକ ଅନ୍ତର୍ନିବେଶୀ ଢଙ୍ଗରେ ସଂଗ୍ରହ କରିବେ ଭାବନ୍ତୁ। ଏହି ଶିକ୍ଷାର୍ଥୀମାନେ ପରସ୍ପର କଥାବାର୍ତ୍ତା ଓ ସାକ୍ଷାତକାର କରି ଏକ ବିବରଣୀ ପ୍ରଦାନ କରିବାକୁ କହିବେ। ଏହିପରି ନିଜେ ବିଚାର କରିପାରନ୍ତି।

ଏହି ମୂଲ୍ୟାୟନର ଉଦ୍ଦେଶ୍ୟ ନିଶ୍ଚିତ କରିବା ପାଇଁ ଆପଣ ଗ୍ରହଣ କରିଥିବା ପଦକ୍ଷେପମାନ ଅଧିକ ଭଲ ଶିକ୍ଷଣ ଫଳାଫଳ ପାଇଁ ଅଗ୍ରସର କରୁଛି। କିନ୍ତୁ ଏହି ପ୍ରକ୍ରିୟାରୁ ଆପଣ ଦେଖିବେ ଏବଂ ଯଦି ଏହା ପୁନର୍ବାର ପ୍ରୟୋଗ କଲେ ଏଥିରେ ଆଉ କ’ଣ ଅଭିବୃଦ୍ଧି ହୋଇପାରିବ ଚିହ୍ନଟ କରିବା ପାଇଁ ଆପଣଙ୍କୁ ସମର୍ଥ କରାଇବ। ଏହା ନିଶ୍ଚିତ କଥା ଯେ ଯଦି ଆପଣ ଅନ୍ତର୍ନିବେଶର ସମସ୍ୟାକୁ ମୁକାବିଲା କରିବା ଦ୍ୱାରା ତାହା ଆପଣଙ୍କ ବିଦ୍ୟାଳୟର ଉପଲବ୍ଧିରେ ଉଲ୍ଲେଖନୀୟ ପ୍ରଭାବ ପକାଇପାରୁଚି, ତାହା ହେଲେ ସେଗୁଡ଼ିକୁ ଅଗ୍ରାଧିକାରରୁ ବଞ୍ଚିତ କରିପାରିବେ ନାହିଁ। ଆପଣ ଗୋଟିଏ ପଦକ୍ଷେପକୁ ମୂଲ୍ୟାୟନ କରିବା ପରିବର୍ତ୍ତେ ପରିସ୍ଥିତିର ଅଗ୍ରଗତି ପାଇଁ ଆଉ କ’ଣ ପରବର୍ତ୍ତୀ ପଦକ୍ଷେପ ନିଆଯାଇପାରିବ ତାହା ଚିହ୍ନଟ କରିପାରିବେ। ଏହି ଉପାୟରେ ପ୍ରକ୍ରିୟାଟି ଏକ ଚକ୍ର ହୋଇପାରିବ।

ଆପଣଙ୍କ ସହକର୍ମୀମାନଙ୍କ ମନୋବୃତ୍ତି ଆଚରଣ ପରିବର୍ତ୍ତନ ପାଇଁ ପ୍ରତିବଦ୍ଧତା ଓ ଉତ୍ସାହକୁ ଧରି ରଖିବା ପାଇଁ ଏହିପରି ଦୀର୍ଘମିଆଦି ରଣକୌଶଳ ଯୋଜନା ଏବଂ ମୂଲ୍ୟାୟନ ଚକ୍ର ଆବଶ୍ୟକ କରେ। ସହକର୍ମୀମାନଙ୍କ ସହିତ ମୂଲ୍ୟାୟନର ଫଳାଫଳକୁ ବିନିମୟ କରିବା ଆବଶ୍ୟକ। ସହକର୍ମୀଙ୍କ ଆଗ୍ରହ ଓ ଅଭିପ୍ରେରଣାକୁ ଧରିରଖିବା ପାଇଁ ଆପଣ ସେମାନଙ୍କର ଉପସ୍ଥିତିର ପ୍ରଭାବକୁ କିପରି ଧରିରଖିଲେ। ତାହା ସେମାନଙ୍କୁ ଜଣାଇବାଠୁ ଅଧିକ କିଛି ଭଲ ଉପାୟ ନାହିଁ। ଯେତେବେଳେ ଉଚ୍ଚାଭିଳାଷ ବିରାଟ, ସେତେବେଳେ ବିଶାଳ ଲକ୍ଷ୍ୟ ହାସଲ ଦିଗରେ ଛୋଟ ଛୋଟ ପ୍ରୟାସକୁ ସ୍ୱୀକୃତି ଦେବା ଅପରିହାର୍ଯ୍ୟ। ସମାନ ଭାବରେ ସହକର୍ମୀମାନଙ୍କ ସହ ମୂଲ୍ୟାୟନର ଫଳାଫଳକୁ ଏକତରଫା ଉପସ୍ଥାପନ ହେବା ଉଚିତ୍। ସେମାନେ ମଧ୍ୟ ମୂଲ୍ୟାୟନ ପ୍ରକ୍ରିୟାରେ ଯୋଗଦାନ କରିବାରେ ଆବଶ୍ୟକତା ଅଚି ଓ ଏହା ଆପଣଙ୍କୁ ସମସ୍ୟା ସମାଧାନ ପାଇଁ ପରବର୍ତ୍ତୀ ପଦକ୍ଷେପକୁ ଚିହ୍ନଟ କରିବାରେ ସାହାଯ୍ୟ କରିବ। ଉଦାହରଣସ୍ୱରୂପ, ସେମାନେ ପଚାରିପାରିବେ ଯେ, ସେମାନେ ପରିବର୍ତ୍ତନଗୁଡ଼ିକ କିପରି ଭାବରେ ଦେଖୁଛନ୍ତି ? ଶିକ୍ଷଣରେ ସାମିଲ ହୋଇଥିବା ଶିକ୍ଷାର୍ଥୀଙ୍କ ସମ୍ପର୍କରେ ସେମାନେ କ’ଣ ଲକ୍ଷ୍ୟ କରୁଛନ୍ତି ?

ଅନ୍ତର୍ନିବେଶୀ ଅଭ୍ୟାସର ବିକାଶ କରାଇବା ପାଇଁ ସମୟ ଓ ଅନେକ ପ୍ରୟାସ ଆବଶ୍ୟକ କରିଥାଏ। ଆପଣ ଯଦି ସଫଳ ହୋଇଛନ୍ତି। ସେଗୁଡ଼ିକୁ ସଫଳ କାହାଣୀ ରୂପେ ଲିପିବଦ୍ଧ କରିବା। ନିଜ ବିଦ୍ୟାଳୟରେ ବା ଅନ୍ୟ ବିଦ୍ୟାଳୟରେ ତାହା ବିନିମୟ କରାଇବା ଅତ୍ୟନ୍ତ ମୂଲ୍ୟବାନ। ପ୍ରତିବଦଳରେ ଆପଣ ଦେଖିପାରିବେ ଯେ ଅନ୍ୟମାନେ ମଧ୍ୟ ଆପଣ ଅଗ୍ରାଧିକାର ଦେଉଥିବା କ୍ଷେତ୍ରରେ ସମାନ ସମସ୍ୟାଗୁଡ଼ିକ ସମାଧାନ କରିଛନ୍ତି ଏବଂ ସେମାନେ ସେଗୁଡ଼ିକୁ ସମାଧାନ କରିବା ପାଇଁ ଚେଷ୍ଟା କରିଛନ୍ତି ଓ ପରିକ୍ଷିତ ଉପାୟ ଅବଲମ୍ବନ କରୁଛନ୍ତି ଯେଉଁଥିରୁ ଆପଣ କିଛି ଶିଖିପାରିବେ।

## ୬ ସାରାଂଶ

ଏହି ଏକକରେ ଆପଣ ଅନ୍ତର୍ନିବେଶୀ ଶିକ୍ଷାକୁ ବିବିଧତା ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଭିନ୍ନତା ଦେଖାଯାଉଥିଲେ ମଧ୍ୟ କିପରି ପ୍ରୋତ୍ସାହିତ କରିବେ ତାହା ଶିଖିଲେ। ଯାହାଫଳରେ ପ୍ରତ୍ୟେକ ଶିକ୍ଷାର୍ଥୀ ଆପଣଙ୍କ ବିଦ୍ୟାଳୟରେ ଶିକ୍ଷାକ୍ଷେତ୍ରରେ ସମାଧିକାର ଓ ସମାନ ଭାବେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ଏହା ନିଃସନ୍ଦେହ ଯେ, ଅନେକ ଶିକ୍ଷାର୍ଥୀ ସେମାନଙ୍କ ଦୈନନ୍ଦିନ ଜୀବନରେ ଅଭିଜ୍ଞତା କରୁଥିବା ଅସମାନତାକୁ ମୁକାବିଲା କରିବା ଏକ ବିରାଟ କାର୍ଯ୍ୟ। ଶିକ୍ଷଣର ଅନ୍ତର୍ନିବେଶୀ ଆଭିମୁଖ୍ୟର ପ୍ରକ୍ରିୟାକୁ ପ୍ରୋତ୍ସାହିତ କରି ସେମାନଙ୍କର ଜୀବନରେ ପରିବର୍ତ୍ତନ ଅଣାଯାଏ କିନ୍ତୁ ପ୍ରକୃତରେ ଏହା ବିଦ୍ୟାଳୟରେ ସମାନତା ଦିଗକୁ ଅଗ୍ରସର ହେବାର ସୁଯୋଗ ସୃଷ୍ଟି କରିଥାଏ। ଏହାକୁ ସମଗ୍ର ସହକର୍ମୀଙ୍କ ସହିତ ବାଣ୍ଟିବା ଓ ଶିକ୍ଷାର୍ଥୀମାନେ ଯେପରି ସେମାନଙ୍କର ସହପାଠୀଙ୍କ ମୂଲ୍ୟକୁ ବୁଝିବେ ଓ ସମ୍ମାନ ଦେବେ ତାହା ପର୍ଯ୍ୟବେକ୍ଷଣ କରିବା। ଆପଣ ହିଁ ସେହି ବ୍ୟକ୍ତି ଯିଏ କି ବିଦ୍ୟାଳୟର ମୁଖ୍ୟ ଭାବେ ବହୁତ କିଛି କରିପାରିବେ। ଆପଣ ଶହ ଶହ ଶିକ୍ଷାର୍ଥୀଙ୍କ ଜୀବନରେ ଆବଶ୍ୟକ ପରିବର୍ତ୍ତନ ପାଇଁ ପ୍ରଭାବ ପକେଇବା ପାଇଁ ସ୍ୱତନ୍ତ୍ର ଭାବେ ଅବସ୍ଥାପିତା ଯାହାଫଳରେ ସେମାନେ ସେମାନଙ୍କର ସର୍ବାଧିକ ସମ୍ଭବ୍ୟ ଉପଲବ୍ଧି ଓ କ୍ଷମତାର ଉପଯୋଗ କରିବେ। ଏଥିପାଇଁ ସାହାସ ଜଟିଳ ବିଶ୍ଳେଷଣ, ଉଚ୍ଚାଭିଳାଷ ଓ ସାଧୁତାର ସହ ମୂଲ୍ୟାୟନ ଆବଶ୍ୟକ କରେ। ଯଦି ପଦକ୍ଷେପଗୁଡ଼ିକ ବଡ଼ ଭଳି ଜଣାପଡ଼େ ତେବେ ଛୋଟ ଛୋଟ ପଦକ୍ଷେପରୁ ଆରମ୍ଭ କରନ୍ତୁ। ସମାନତା ଓ ଯଥାର୍ଥ ଥିବା ବିଦ୍ୟାଳୟ ପ୍ରତିଷ୍ଠା କରନ୍ତୁ ଯାହାକୁ ନେଇ ଆପଣ ଗର୍ବ ଅନୁଭବ କରିବେ । ଆପଣ ଏମିତି ବିଦ୍ୟାଳୟ

ସୃଷ୍ଟି କରିବାକୁ ଚାହୁଁଛନ୍ତି। ଯେଉଁଠି ମିଳିତ ଜାତିସଂଘର ଶିଶୁ ଅଧିକାର (ଧାରା-୨୯)ର ନୀତି ସତ୍ୟରେ ପରିଣତ ହେଉଛି ଏବଂ ଏଥିପାଇଁ ବିଦ୍ୟାଳୟ ଓ ଗୋଷ୍ଠୀ ଗର୍ବ ଅନୁଭବ କରିବେ ଯେ :

- ପ୍ରତ୍ୟେକ ଶିକ୍ଷାର୍ଥୀର ବ୍ୟକ୍ତିତ୍ୱ, ପ୍ରତିଭା ଓ ସାମର୍ଥ୍ୟର ସମ୍ପୂର୍ଣ୍ଣ ବିକାଶ କରିବା।
- ପ୍ରତ୍ୟେକ ଶିକ୍ଷାର୍ଥୀ ମାନବିକ ଅଧିକାର ସହ ସେମାନଙ୍କର ନିଜ ଓ ଅନ୍ୟର ସଂସ୍କୃତିକୁ ସମ୍ମାନ ଦେବାକୁ ପ୍ରୋତ୍ସାହିତ କରିବା।

ଏହି ଏକକଟି ସେହି ଏକକମାନଙ୍କର ପରିବାର / ସମୂହ ଯାହା ଶିକ୍ଷଣ, ଶିକ୍ଷାଦାନ ପ୍ରକ୍ରିୟାର ରୂପାନ୍ତରଣର ମୁଖ୍ୟ ପରିସର ସହିତ ସମ୍ପର୍କିତର ଏକ ଅଂଶ ଅଟେ। (ଜାତୀୟ ବିଦ୍ୟାଳୟ ନେତୃତ୍ୱ ମହାବିଦ୍ୟାଳୟ ପ୍ରତି ଅନୁରକ୍ତ)। ଆପଣ ଏହାକୁ ଅନ୍ୟ ଏକକମାନଙ୍କ ସହିତ ନିଜର ଜ୍ଞାନ ଓ କୌଶଳ ଗଠନରେ ଉପଯୋଗୀ ହୋଇପାରିବ।

- ପ୍ରାରମ୍ଭିକ ବିଦ୍ୟାଳୟରେ ଶିକ୍ଷଣ ଓ ଶିକ୍ଷାଦାନକୁ ଉନ୍ନତ କରିବା ପାଇଁ ନେତୃତ୍ୱ ଦେବା।
- ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷଣ ଓ ଶିକ୍ଷାଦାନକୁ ଉନ୍ନତ କରିବା ପାଇଁ ନେତୃତ୍ୱ ଦେବା।
- ବିଦ୍ୟାଳୟରେ ଆକଳନକୁ ନେତୃତ୍ୱ ନେବା।
- ଶିକ୍ଷକମାନଙ୍କୁ ସେମାନଙ୍କ ପାରଦର୍ଶିତା ଅଭିବୃଦ୍ଧିରେ ସହାୟତା କରିବା।
- ଶିକ୍ଷକମାନଙ୍କର ବୃତ୍ତିଗତ ଦକ୍ଷତା ବିକାଶରେ ଆଗେଇଦେବା।
- ତଦାରଖ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ
- ବିଦ୍ୟାଳୟରେ ଫଳପ୍ରଦ ଶିକ୍ଷଣ ସଂସ୍କୃତିର ବିକାଶ
- ଶିକ୍ଷାର୍ଥୀଙ୍କ ଫଳପ୍ରଦ ଶିକ୍ଷଣ ପାଇଁ ସମ୍ବଳଗୁଡ଼ିକର ପରିଚାଳନା କରିବା ।
- ବିଦ୍ୟାଳୟରେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାରକୁ ଆଗେଇନେବା ।

## ସମ୍ବଳ

### ସମ୍ବଳ-୧ : ସମସ୍ତଙ୍କୁ ସଂପୃକ୍ତ କରାଇବା।

#### ସମସ୍ତଙ୍କୁ ସଂପୃକ୍ତ କରାଇବା ଅର୍ଥ କ'ଣ ?

ସମାଜରେ ଓ ସଂସ୍କୃତିରେ ରହିଥିବା ବିବିଧତା ଶ୍ରେଣୀଗୃହରେ ପ୍ରତିଫଳିତ ହୋଇଥାଏ। ଶିକ୍ଷାର୍ଥୀମାନଙ୍କର ଭିନ୍ନ ଭିନ୍ନ ଭାଷା, ରୁଚି ଓ ସାମର୍ଥ୍ୟ ରହିଛି। ସେମାନେ ଭିନ୍ନ ଭିନ୍ନ ସାମାଜିକ ଓ ଅର୍ଥନୈତିକ ପୃଷ୍ଠଭୂମିରୁ ଆସିଥାନ୍ତି। ସେମାନଙ୍କର ବିଭିନ୍ନତାକୁ ହେୟ ଜ୍ଞାନ କରିପାରିବା ନାହିଁ, ବରଂ ଆମେ ସେଗୁଡ଼ିକୁ ପାଳନ କରିବା କାରଣ ସେଗୁଡ଼ିକ ଆମ ଅଭିଜ୍ଞତା ବାହାର ଦୁନିଆ ଓ ପରସ୍ପରଠାରୁ ଶିଖିବା ପାଇଁ ଏକ ମାନ ରୂପେ କାର୍ଯ୍ୟ କରିବ। ସମସ୍ତ ଶିଶୁଙ୍କର ସେମାନଙ୍କର ସ୍ଥିତି, ସାମର୍ଥ୍ୟ ଓ ପୃଷ୍ଠଭୂମି ନିର୍ବିଶେଷରେ ଶିକ୍ଷାର ଅଧିକାର ଓ ଶିଖିବାର ସୁଯୋଗ ରହିଛି ଏବଂ ଏହାକୁ ଭାରତୀୟ ଆଇନ ଅନ୍ତର୍ଜାତୀୟ ଶିଶୁ ଅଧିକାର ସ୍ୱୀକୃତି ଦେଇଛି। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତି ଉଦ୍ଦେଶ୍ୟରେ ଦେଇଥିବା ପ୍ରଥମ ଅଭିଭାଷଣରେ ଜାତି, ଲିଙ୍ଗ, ଆୟ ନିର୍ବିଶେଷରେ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ମୂଲ୍ୟକୁ ଗୁରୁତ୍ୱ ଦେବା ଉପରେ ଧ୍ୟାନ ଦେବା କଥା କହିଥିଲେ। ଏହି ଦିଗରେ ବିଦ୍ୟାଳୟ ଓ ଶିକ୍ଷକମାନଙ୍କର ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଆମ ସମସ୍ତଙ୍କ ପାଖରେ ପ୍ରାକ୍ ବଦ୍ଧମୂଳ ଧାରଣା ଓ ଅନ୍ୟମାନଙ୍କ ପ୍ରତି ମତାମତ ରହିଛି। ଯାହା ଆମେ ଚିହ୍ନଟ କରିପାରୁନାହିଁ କିମ୍ବା ତାକୁ ସାମ୍ନା କରିପାରିନାହୁଁ। ଶିକ୍ଷକ ଭାବରେ ଆପଣଙ୍କ ପାଖରେ ବିଦ୍ୟାର୍ଥୀର ଶିକ୍ଷା ଅଭିଜ୍ଞତାକୁ ସକାରାତ୍ମକ ବା ନକାରାତ୍ମକ ଦିଗରେ ପ୍ରଭାବିତ କରିବାର କର୍ତ୍ତୃତ୍ୱ ରହିଛି। ଜାଣତରେ ହେଉ ବା ଅଜାଣତରେ ହେଉ ଆପଣଙ୍କ ପାଖରେ ଥିବା ପ୍ରାକ୍ ବଦ୍ଧମୂଳ ଧାରଣା ଓ ମତାମତ ଆପଣଙ୍କ ଶିକ୍ଷାର୍ଥୀ କିପରି ସମାନ ଭାବରେ ଶିଖୁଛନ୍ତି ତାକୁ ପ୍ରଭାବିତ କରିଥାଏ। ଆପଣଙ୍କର ଶିକ୍ଷାର୍ଥୀଙ୍କୁ ଯେପରି ଅସମାନତାଯୁକ୍ତ ଆଚରଣ ପ୍ରଦର୍ଶନ ନ କରାଯାଏ ସେଥିପ୍ରତି ସଜାଗ ରହିବା ପାଇଁ ଆପଣ ପଦକ୍ଷେପ ମାନ ନେଇପାରିବେ।

## ଶିକ୍ଷଣରେ ସମସ୍ତଙ୍କୁ ସଂପୃକ୍ତ କରାଇବାକୁ ନିଶ୍ଚିତ କରାଇବା ପାଇଁ ତିନୋଟି ମୂଳନୀତି

- **ଲକ୍ଷ୍ୟ କରିବା** : ପ୍ରଭାବଶାଳୀ ଶିକ୍ଷକମାନେ ପର୍ଯ୍ୟବେକ୍ଷକ ଉପଲବ୍ଧିକ୍ଷମ ଓ ସମ୍ବେଦନଶୀଳତ ଅଟନ୍ତି, ସେମାନେ ସେମାନଙ୍କର ଶିକ୍ଷାର୍ଥୀମାନଙ୍କଠାରେ ଦେଖାଯାଉଥିବା ପରିବର୍ତ୍ତନକୁ ଲକ୍ଷ୍ୟ କରନ୍ତି। ଯଦି ଆପଣ ଜଣେ ପର୍ଯ୍ୟବେକ୍ଷକ ତାହାହେଲେ ଶିକ୍ଷାର୍ଥୀମାନେ ଯେତେବେଳେ ଭଲ କରୁଥିବେ, ସେମାନେ କ'ଣ ସାହାଯ୍ୟ ଆବଶ୍ୟକ କରୁଛନ୍ତି ଓ ଅନ୍ୟମାନଙ୍କ ସହ ସେମାନେ କିପରି ସମ୍ପର୍କ ରଖିଛନ୍ତି। ସେଗୁଡ଼ିକୁ ଲକ୍ଷ୍ୟ କରିବେ, ଆପଣ ଶିକ୍ଷାର୍ଥୀମାନଙ୍କ ପରିବର୍ତ୍ତନକୁ ଉପଲବ୍ଧି କରିପାରିବେ। ପରିବର୍ତ୍ତନ ସେମାନଙ୍କ ଘରୋଇ ପରିବେଶରେ ବା ଅନ୍ୟାନ୍ୟ ପ୍ରସଙ୍ଗରେ ପ୍ରତିଫଳିତ ହୋଇପାରେ। ଆପଣଙ୍କ ଶିକ୍ଷାର୍ଥୀଙ୍କୁ ପ୍ରତ୍ୟେକ ଦିନ ଯେଉଁ ଶିକ୍ଷାର୍ଥୀମାନେ ନିଜକୁ ନ୍ୟୁନ ମନେ କରୁଛନ୍ତି ଓ ଅଂଶଗ୍ରହଣ କରିପାରୁନାହାନ୍ତି ସେମାନଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ସମସ୍ତଙ୍କୁ ସାମିଲ କରିବା ଆବଶ୍ୟକ।
- **ଆତ୍ମସମ୍ମାନକୁ ଗୁରୁତ୍ୱ ପ୍ରଦାନ:** ଉତ୍ତମ ନାଗରିକ ହେଉଛି ସିଏ ଯିଏ ନିଜେ ଯାହା ତାହାକୁ ନେଇ ସହଜ ହୋଇଥାଏ। ସେମାନଙ୍କର ଆତ୍ମ ସମ୍ମାନ ଥାଏ ଓ ସେମାନେ ତାଙ୍କର ସାମର୍ଥ୍ୟ ଓ ଦୁର୍ବଳତା ଜାଣନ୍ତି। ଯେକୌଣସି ପୃଷ୍ଠଭୂମିରୁ ହୋଇଥାଆନ୍ତୁ ନା କାହିଁକି, ସେମାନଙ୍କର ଅନ୍ୟମାନଙ୍କ ସହିତ ଭଲ ସମ୍ପର୍କ ସ୍ଥାପନ କରିପାରିବାର ସାମର୍ଥ୍ୟ ରହିଥାଏ। ସେମାନେ ନିଜକୁ ତଥା ଅନ୍ୟମାନଙ୍କୁ ସମ୍ମାନ କରନ୍ତି। ଜଣେ ଶିକ୍ଷକ ଭାବରେ ଜଣେ ବ୍ୟକ୍ତିର ଆତ୍ମସମ୍ମାନ ଉପରେ ଆପଣଙ୍କର ଉଲ୍ଲେଖନୀୟ ପ୍ରଭାବ ରହିଛି। ସେହି କ୍ଷମତା ସମ୍ପର୍କରେ ସଚେତନ ରହନ୍ତୁ ଓ ଏହାକୁ ବ୍ୟବହାର କରି ପ୍ରତ୍ୟେକ ଶିକ୍ଷାର୍ଥୀର ଆତ୍ମସମ୍ମାନ ଗଠନ କରାନ୍ତୁ।
- **ନମନୀୟତା :** ଯଦି କିଛି କାମ କୌଣସି ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀ, ଗୋଷ୍ଠୀ ବା ବ୍ୟକ୍ତିଙ୍କ ଯୋଗୁଁ ଶ୍ରେଣୀରେ କାର୍ଯ୍ୟକାରୀ ହୋଇପାରୁନାହିଁ। ତେବେ ଯୋଜନାରେ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ରୁହନ୍ତୁ ବା ସେଇ ପଦକ୍ଷେପକୁ ବନ୍ଦ କରିଦିଅନ୍ତୁ। ଆପଣଙ୍କ ଖାପଖୁଆଇ ଚାଲିବାରେ ନମନୀୟତା ସମର୍ଥ କରାଇବ ଓ ଯାହାଫଳରେ ଆପଣ ସମସ୍ତ ଶିକ୍ଷାର୍ଥୀଙ୍କୁ ଫଳପ୍ରଦ ଭାବେ ସଂପୃକ୍ତ କରାଇପାରିବେ।

## ସବୁ ସମୟରେ ଏହି ଆଭିମୁଖ୍ୟଗୁଡ଼ିକ ଆପଣ ବ୍ୟବହାର କରିପାରିବେ :

- **ଉତ୍ତମ ଆଚରଣର ଆଦର୍ଶ :** ଯେ କୌଣସି ଗୋଷ୍ଠୀ, ଧର୍ମ ବା ଲିଙ୍ଗର ଶିକ୍ଷାର୍ଥୀ ହୋଇଥାନ୍ତୁ ନା କାହିଁକି ଆପଣ ସମସ୍ତ ଶିକ୍ଷାର୍ଥୀମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରି ଉଦାହରଣ ସୃଷ୍ଟି କରନ୍ତୁ। ସମସ୍ତ ଶିକ୍ଷାର୍ଥୀଙ୍କୁ ସମ୍ମାନର ସହ ବ୍ୟବହାର ପ୍ରଦର୍ଶନ କରନ୍ତୁ ଓ ଆପଣଙ୍କ ଶିକ୍ଷାଦାନ ଜରିଆରେ ସ୍ପଷ୍ଟ କରିଦିଅନ୍ତୁ ଯେ ଆପଣଙ୍କ ସମସ୍ତଙ୍କୁ ସମାନ ଭାବରେ ମୂଲ୍ୟ ଦେଉଛନ୍ତି। ସେମାନଙ୍କ ସହ ସମ୍ମାନ ସହ କଥା ହୁଅନ୍ତୁ । ଯେତେବେଳେ ଦରକାର ସେମାନଙ୍କର ମତାମତ ନିଅନ୍ତୁ। ସେମାନଙ୍କୁ ଶ୍ରେଣୀ ପାଇଁ ଦାୟିତ୍ୱ ନେବାକୁ ଉତ୍ସାହିତ କରନ୍ତୁ ଯାହା ସମସ୍ତଙ୍କ ପାଇଁ ଲାଭଦାୟକ ହେବ।
- **ଉଚ୍ଚାଭିଳାଷ** : ସାମର୍ଥ୍ୟ ନିର୍ଦ୍ଦିଷ୍ଟ ନୁହେଁ। ଯଦି ଠିକ୍ ଭାବରେ ସହାୟତା ପାଆନ୍ତି ତେବେ ସମସ୍ତେ ଶିକ୍ଷାର୍ଥୀ ଶିଖିପାରିବେ ଓ ଉନ୍ନତି କରିପାରିବେ। ଆପଣ କରୁଥିବା କୌଣସି ପଦକ୍ଷେପକୁ ଯଦି କୌଣସି ଶିକ୍ଷାର୍ଥୀ ବୁଝିପାରୁନାହାନ୍ତି। ଧରିନିଅନ୍ତୁ ନାହିଁ ଯେ ସେ ଏହା କେବେ ବୁଝିପାରିବେ ନାହିଁ। ଜଣେ ଶିକ୍ଷକ ଭାବରେ ଆପଣଙ୍କର ଭୂମିକା ହେଉଛି ଶିକ୍ଷାର୍ଥୀର ଶିକ୍ଷଣ ପାଇଁ ଆପଣ କେତେ ଅଧିକ ସାହାଯ୍ୟ କରିପାରିବେ। ଯଦି ଆପଣଙ୍କ ଶ୍ରେଣୀର ପ୍ରତ୍ୟେକଙ୍କ ପାଇଁ ଉଚ୍ଚାଭିଳାଷ ରହେ ତେବେ ଆପଣଙ୍କ ଶିକ୍ଷାର୍ଥୀମାନେ ମଧ୍ୟ ଗ୍ରହଣ କରି ନେବେ ଯେ ସେମାନେ ଯଦି ଠିକ୍ ଭାବରେ ମନେରଖିବେ, ତେବେ ସେମାନେ ମଧ୍ୟ ଭଲ ଭାବରେ ଶିଖିପାରିବେ। ଆଚରଣ ପାଇଁ ମଧ୍ୟ ଉଚ୍ଚାଭିଳାଷ ରହିବା ଉଚିତ୍। ଆପଣଙ୍କ ଅଭିଳାଷକୁ ସ୍ପଷ୍ଟ ହେବା ନିଶ୍ଚିତ କରନ୍ତୁ ଯାଦ୍ୱାରା ଶିକ୍ଷାର୍ଥୀମାନେ ପରସ୍ପରକୁ ସମ୍ମାନ ପ୍ରଦର୍ଶନ କରିବେ।
- **ଶିକ୍ଷାଦାନରେ ବିଭିନ୍ନତା ରଖନ୍ତୁ:** ଶିକ୍ଷାର୍ଥୀମାନେ ଭିନ୍ନ ଭିନ୍ନ ଉପାୟରେ ଶିଖନ୍ତି। କେତେକ ଲେଖିବାକୁ ପସନ୍ଦ କରନ୍ତି। ଅନ୍ୟମାନେ ତାଙ୍କର ଧାରଣାକୁ ପ୍ରକାଶ କରିବା ପାଇଁ ମାନସିକ ସ୍ତରରେ ମାନଚିତ୍ର ଆଙ୍କିବାକୁ ବା ଚିତ୍ରାଙ୍କନ କରିବାକୁ ପସନ୍ଦ କରନ୍ତି। କିଛି ଶିକ୍ଷାର୍ଥୀ ଉତ୍ତମ ଶ୍ରୋତା, କିଛି ଶିକ୍ଷାର୍ଥୀ ଯେତେବେଳେ ସେମାନେ ତାଙ୍କ ଧାରଣାକୁ କଥାବାର୍ତ୍ତା କରିବାର ସୁଯୋଗ ପାଆନ୍ତି। ସେମାନେ ଭଲଭାବେ ଶିଖନ୍ତି। ଆପଣ ସର୍ବଦା ସମସ୍ତ ଶିକ୍ଷାର୍ଥୀ ପାଇଁ ସବୁ ସମୟରେ ଉପଯୋଗ ହୋଇ ନ ପାରନ୍ତି

କିନ୍ତୁ ଆପଣ ଆପଣଙ୍କ ଶିକ୍ଷାଦାନରେ ବିଭିନ୍ନତା ସମ୍ପନ୍ନ କରିବା ଦ୍ୱାରା ଆପଣଙ୍କ ଶିକ୍ଷାର୍ଥୀଙ୍କୁ ସୁଯୋଗ ଦେଉଛନ୍ତି ଯେ ସେମାନେ କେଉଁ ଶିକ୍ଷଣ କାର୍ଯ୍ୟକୁ ଗ୍ରହଣ କରିବେ।

- **ଶିକ୍ଷଣକୁ ଦୈନନ୍ଦିନ ଜୀବନ ସହ ଯୋଡ଼ନ୍ତୁ :** କେତେକ ଶିକ୍ଷାର୍ଥୀଙ୍କ ପାଇଁ ଆପଣ ଯାହା ଶିଖିବା ପାଇଁ କହୁଛନ୍ତି ତାହା ତାଙ୍କର ଦୈନନ୍ଦିନ ଜୀବନ ପାଇଁ କହୁଛନ୍ତି ତାହା ତାଙ୍କର ଦୈନନ୍ଦିନ ଜୀବନ ପାଇଁ ଅନୁପଯୋଗୀ ହୋଇପାରେ। ଏହି ସମସ୍ୟାକୁ ମୁକାବିଲା କରିବା ପାଇଁ ଆପଣ ଶିକ୍ଷଣର ସନ୍ଦର୍ଭକୁ ଯେତେବେଳେ ସମ୍ଭବ ତାଙ୍କ ପାଇଁ ଉପଯୋଗୀ କରନ୍ତୁ ଓ ସେମାନଙ୍କ ନିଜ ଅଭିଜ୍ଞତାରୁ ଉଦାହରଣମାନ ଦିଅନ୍ତୁ।
- **ଭାଷାର ବ୍ୟବହାର:** ଆପଣ ଭାଷାକୁ ବ୍ୟବହାର କରୁଥିବା ବେଳେ ସତର୍କତା ଅବଲମ୍ବନ କରନ୍ତୁ। ସର୍ବଦା ଉତ୍ତମ ଭାଷା ଓ ପ୍ରଶଂସା ବ୍ୟବହାର କରନ୍ତୁ ଓ କେବେ ବି ଶିକ୍ଷାର୍ଥୀଙ୍କୁ ଥଟ୍ଟା କରନ୍ତୁ ନାହିଁ। ସେମାନଙ୍କ ଆଚରଣ ପ୍ରତି ମତାମତ ପ୍ରଦାନ କରନ୍ତୁ; ତାଙ୍କ ପ୍ରତି ନୁହେଁ। "ତୁମେ ମୋତେ ଆଜି ବିରକ୍ତ କରୁଛ" ଏହା ଏକ ବ୍ୟକ୍ତିଗତ ମତାମତ ବଦଳରେ ଅଧିକ ଉତ୍ତମ ମତାମତ ଆଜି ମତେ ତୁମର ବ୍ୟବହାର ବିରକ୍ତି କରୁଛି। କିଛି ସମସ୍ୟା ଅଛି କି ଯଦ୍ଦ୍ୱାରା ତୁମେ ମନୋନିବେଶ କରିପାରୁନାହିଁ ବୋଲି କହନ୍ତୁ, ଯାହା କି ଅଧିକ ସାହାଯ୍ୟ କରିବ।
- **ଗତାନୁଗତିକତାକୁ ଆହ୍ୱାନ :** ଆବଶ୍ୟକ ସମ୍ବଳକୁ ଖୋଜନ୍ତୁ ଓ ବ୍ୟବହାର କରନ୍ତୁ। ଝିଅମାନଙ୍କ ଗତାନୁଗତିକା ପାରମ୍ପରିକ ଭୂମିକାକୁ ପ୍ରଦର୍ଶନ କରୁଥିବା ମହିଳା ଯେପରି ବୈଜ୍ଞାନିକ, ଇଞ୍ଜିନିୟର, ପାଇଲଟ ଆଦି ବିଦ୍ୟାଳୟ ପରିଦର୍ଶନ ପାଇଁ ଡାକନ୍ତୁ। ଆପଣଙ୍କ ନିଜର ଲିଙ୍ଗରେ ପାରମ୍ପରିକ ଭୂମିକା ପ୍ରତି ସଚେତନ ରହନ୍ତୁ। ଆପଣ ଜାଣିଥିବେ ଝିଅମାନେ ଖେଳକୁଦ କଲାବେଳେ ପୁଅମାନେ ଯତ୍ନଦେଇ ଜାଣନ୍ତି କିନ୍ତୁ ଆମେ ଏହାକୁ ବେଳେବେଳେ ଭିନ୍ନ ଭାବରେ ପ୍ରକାଶ କରିଥାଉ। କାରଣ ମୁଖ୍ୟତଃ ଆମେ ସମାଜରେ ଏ ବିଷୟରେ ସେହିଭଳି କଥାବାର୍ତ୍ତା କରିବାରେ ଅଭ୍ୟସ୍ତ ହୋଇଥାଉ।
- **ଏକ ନିରାପଦ ସ୍ୱାଗତ କରୁଥିବା ଶିକ୍ଷଣ ପରିବେଶ ସୃଷ୍ଟି କରିବା :** ବିଦ୍ୟାଳୟରେ ପ୍ରତ୍ୟେକ ଶିଶୁ ନିରାପଦ ଓ ସ୍ୱାଗତ ଅନୁଭବ କରିବା ଆବଶ୍ୟକ। ଆପଣ ଏମିତି ଏକ ପଦବୀରେ ଅଛନ୍ତି ଯେଉଁଠି ପ୍ରତ୍ୟେକ ଶିକ୍ଷାର୍ଥୀ ଅନୁଭବ କରିବେ ଯେ ବିଦ୍ୟାଳୟରେ ସେମାନଙ୍କୁ ସ୍ୱାଗତ କରାଯାଉଛି ଓ ସେମାନେ ପରସ୍ପରକୁ ସମ୍ମାନ ଓ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରାଇବା ପାଇଁ ପ୍ରୋତ୍ସାହିତ କରିବେ ଭାବନ୍ତୁ, ବିଭିନ୍ନ ଶିକ୍ଷାର୍ଥୀଙ୍କୁ ଶ୍ରେଣୀ ଓ ବିଦ୍ୟାଳୟ କିପରି ଦେଖାଯାଉଥିବ ଓ ସେମାନେ କ'ଣ ଅନୁଭବ କରୁଥିବେ। ଚିନ୍ତା କରନ୍ତୁ ଏବଂ ନିଶ୍ଚିତ କରନ୍ତୁ ଯେ ପାଠକୁ ବୁଝିବା ପାଇଁ ଭିନ୍ନ କ୍ଷମତା ଥିବା ଶିକ୍ଷାର୍ଥୀଙ୍କୁ କେଉଁ ସ୍ଥାନରେ ବସିବା ପାଇଁ କହିବେ। ଲଜ୍ଜାଶୀଳ ଓ ସହଜରେ ଅନ୍ୟମନସ୍କ ହୋଇଯାଉଥିବା ଶିକ୍ଷାର୍ଥୀମାନେ କିପରି ଠିକ୍ ଭାବରେ ଅଂଶଗ୍ରହଣ କରିବେ ତାହା ଯାଞ୍ଚ କରନ୍ତୁ।

### ସ୍ୱତନ୍ତ୍ର ଶିକ୍ଷାଦାନ ଆଭିମୁଖ୍ୟମାନ

ସମସ୍ତ ଶିକ୍ଷାର୍ଥୀଙ୍କୁ ସଂପୃକ୍ତ କରିବାରେ କେତେକ ସ୍ୱତନ୍ତ୍ର ଶିକ୍ଷାଦାନ ଆଭିମୁଖ୍ୟ ଆପଣଙ୍କୁ ସାହାଯ୍ୟ କରିବ। ଏଗୁଡ଼ିକ ଅନ୍ୟ ମୁଖ୍ୟ ସମ୍ବଳମାନଙ୍କରେ ବିଷଦ ଭାବରେ ବର୍ଣ୍ଣନା କରାଯାଉଛି କିନ୍ତୁ ଏଠାରେ ସଂକ୍ଷିପ୍ତ ଭାବରେ ଉଲ୍ଲେଖଯୋଗ୍ୟ ଯେ, ନିଜର ଧାରଣାକୁ ଆତ୍ମବିଶ୍ୱାସର ସହ ପ୍ରକାଶ କରିଥାନ୍ତି।

- **ପ୍ରଶ୍ନ କରିବା :** ଯଦି ଆପଣ ହାତ ଟେକିବା ପାଇଁ କହିବେ ତେବେ ସମାନ ଲୋକ ହିଁ ବାରମ୍ବାର ଉତ୍ତର ଦେଇପାରେ। ଏହାଛଡ଼ା ଅନ୍ୟ ଉପାୟମାନ ରହିଛି ଯାହାଦ୍ୱାରା ଅଧିକରୁ ଅଧିକ ଶିକ୍ଷାର୍ଥୀ ପ୍ରଶ୍ନ ଉତ୍ତରକୁ ଚିନ୍ତା କରିବା ଓ ଉତ୍ତର ଦେବା ସମ୍ଭବ ହୋଇପାରିବ। ଆପଣ ସିଧାସଳଖ ନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ପ୍ରଶ୍ନ ପଚାରିପାରିବେ। ଆପଣ ଶ୍ରେଣୀରେ କହିବେ ଯେ କିଏ ଉତ୍ତର ଦେବ ମୁଁ ନିଜେ ସ୍ଥିର କରିବି ଓ ଶ୍ରେଣୀର ଆଗଧାଡ଼ିରେ ବସୁଥିବା ଶିକ୍ଷାର୍ଥୀମାନଙ୍କୁ କେବଳ ପ୍ରଶ୍ନ ନ ପଚାରି ପଛରେ ବସୁଥିବା ଶିକ୍ଷାର୍ଥୀମାନଙ୍କୁ କେବଳ ପ୍ରଶ୍ନ ନ ପଚାରି ପଛରେ ବସୁଥିବା ଶିକ୍ଷାର୍ଥୀମାନଙ୍କୁ ମଧ୍ୟ ପଚାରିବେ। ଶିକ୍ଷାର୍ଥୀମାନଙ୍କୁ "ଚିନ୍ତା କରିବାକୁ ସମୟ" ଦିଅନ୍ତୁ ଏବଂ ସ୍ୱତନ୍ତ୍ର ଶିକ୍ଷାର୍ଥୀମାନଙ୍କଠାରୁ ତାଙ୍କର ମତାମତ ସଂଗ୍ରହ କରନ୍ତୁ। ଯୋଡ଼ି ବା ଦଳଗତ କାର୍ଯ୍ୟ କରାନ୍ତୁ ଏବଂ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରାନ୍ତୁ। ଶ୍ରେଣୀ ଆଲୋଚନାରେ ସମସ୍ତଙ୍କୁ ସଂଶ୍ଲିଷ୍ଟ କରାନ୍ତୁ।

- **ଆକଳନ :** ଗଠନାତ୍ମକ ମୂଲ୍ୟାୟନ ପାଇଁ ଏକାଧିକ କୌଶଳର ବିକାଶ କରନ୍ତୁ ଯଦ୍ଦ୍ୱାରା ଆପଣ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଭଲ ଭାବରେ ଜାଣିପାରିବେ। ଶିକ୍ଷାର୍ଥୀମାନଙ୍କ ପାଖରେ ଥିବା ନିପୁଣତା ତଥା ଦୁର୍ବଳତାକୁ ଚିହ୍ନଟ କରିବା ପାଇଁ ଆପଣ ସୃଜନଶୀଳ ହେବା ଆବଶ୍ୟକ। ଗଠନମୂଳକ ମୂଲ୍ୟାୟନ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ବିଷୟରେ ଏକ ସାଧାରଣ ଧାରଣା ବା ଅନୁମାନ ପ୍ରଦାନ କରିବା। ତା'ପରେ ଆପଣ ପ୍ରତ୍ୟେକଙ୍କ ଆବଶ୍ୟକତା ଅନୁଯାୟୀ ପ୍ରତିକ୍ରିୟା ପ୍ରକାଶ କରିବାର ସ୍ଥିତିରେ ରହିବେ।
- **ଯୋଡ଼ିକାର୍ଯ୍ୟ :** ପ୍ରତ୍ୟେକଙ୍କୁ ସାମିଲ କରିବା ଓ ପ୍ରତ୍ୟେକ ଶିକ୍ଷାର୍ଥୀ ପରସ୍ପରକୁ ସମ୍ମାନ ଦେବାକୁ ପ୍ରୋତ୍ସାହିତ କରିବା। ଲକ୍ଷ୍ୟକୁ ରଖି ଆପଣ ଶ୍ରେଣୀକୁ କିପରି ଦଳରେ ବା ଯୋଡ଼ି ଗଠନ କରିବେ ଚିନ୍ତା କରନ୍ତୁ। ନିଶ୍ଚିତ କରନ୍ତୁ ଯେ ସମସ୍ତ ଶିକ୍ଷାର୍ଥୀ ପରସ୍ପରଠାରୁ ଶିଖିବାର ସୁଯୋଗ ପାଇବେ ଓ ନିଜେ ଜାଣିଥିବା ଧାରଣା ଉପରେ ଦୃଢ଼ ରହିବେ। କେତେକ ଶିକ୍ଷାର୍ଥୀ ସମଗ୍ର ଶ୍ରେଣୀରେ କହିବା ଅପେକ୍ଷା ଛୋଟ ଦଳରେ ନିଜର ଧାରଣାକୁ ଆତ୍ମବିଶ୍ୱାସର ସହ ପ୍ରକାଶ କରିଥାନ୍ତି।
- **ବିଭିନ୍ନତା :** ବିଭିନ୍ନ ପ୍ରକାର କାମ ବିଭିନ୍ନ ଶିକ୍ଷାର୍ଥୀ ପାଇଁ ସ୍ଥିର କଲେ ତାହା ଶିକ୍ଷାର୍ଥୀଙ୍କୁ ବର୍ତ୍ତମାନ ସ୍ଥିତିରୁ ଆଗକୁ ଯିବାରେ ସାହାଯ୍ୟ କରିଥାଏ। ମୁକ୍ତ ନ୍ୟସ୍ତକାର୍ଯ୍ୟ ଶିକ୍ଷାର୍ଥୀଙ୍କୁ ସଫଳତା ହାସଲ ପାଇଁ ସୁଯୋଗ ଯୋଗାଇଥାଏ। ଶିକ୍ଷାର୍ଥୀଙ୍କୁ ସେମାନଙ୍କ ପସନ୍ଦ ମୁତାବକ କାମ ବାଛିବାର ସୁଯୋଗ ନେଲେ ତାହା ସେମାନଙ୍କୁ କାମର ମାଲିକାନାସତ୍ତ୍ୱ ଅନୁଭବ କରାଏ ଓ ସେମାନେ ସେମାନଙ୍କ ଶିକ୍ଷଣର ଦାୟିତ୍ୱ ନେଇଥାନ୍ତି। ବଡ଼ ଶ୍ରେଣୀରେ ବିଶେଷ ଭାବରେ ଶିକ୍ଷାର୍ଥୀର ବ୍ୟକ୍ତିଗତ ଶିକ୍ଷଣ ଆବଶ୍ୟକତାକୁ ଧ୍ୟାନ ଦେବା କଷ୍ଟକର କିନ୍ତୁ ଏହା ବିଭିନ୍ନ ପ୍ରକାରର କାମ ଓ ସମସ୍ୟାର ବ୍ୟବହାର ଦ୍ୱାରା କରାଯାଇପାରିବ।

## ସମ୍ବଳ ୨ : ବିବିଧତାର ପ୍ରତିଫଳନ

***ସାରଣୀ ସ ୨.୧ :** ବିବିଧତା ଉପରେ ପ୍ରତିଫଳନ (କାର୍ଯ୍ୟ ୪ ଦେଖନ୍ତୁ)*

| କ | ଖ | ଗ | ଘ | ଙ |
|---|---|---|---|---|
| | ଭିବିଧତାର ପ୍ରକାର ଭେଦ | ଶିକ୍ଷାର୍ଥୀଙ୍କ ଶତକଡ଼ା | ବିଦ୍ୟାଳୟ ଓ ଘରେ ଶିକ୍ଷାର୍ଥୀଙ୍କ ନାମ ଲେଖା ଶତକଡ଼ା ହାରରେ, ଗ୍ରହଣ, ଅଂଶଗ୍ରହଣ ଓ ଶିକ୍ଷଣର ଉପଲବ୍ଧିର ପ୍ରାକ୍‌ଆକଳନ | କାର୍ଯ୍ୟ ହସ୍ତକ୍ଷେପ ବା ସହକର୍ମୀଙ୍କ ସହ ସହଭାଗିତା |
| | | | | |
| | | | | |
| | | | | |
| | | | | |
| | | | | |

## References/bibliography

Ainscow, M., Booth, T. and Dyson, A. (2006) Improving Schools Developing Inclusion. Abingdon: Routledge.

Artiles, A., Kozleski, E., Dorn, S. and Christensen, C. (2006). ‘Learning in inclusive education research: remediating theory and methods with a transformative agenda’, Review of Research in Education, no. 30, pp. 65–108.

Causton-Theoharis, J. (2009) 'The golden rule of providing support in inclusive classrooms: support others as you would wish to be supported', Teaching Exceptional Children, vol. 42, no. 2, pp. 36–43.

De Silva, N.L. (2013) 'Inclusive pedagogy in light of social justice. special educational rights and inclusive classrooms: on whose terms? A field study in Stockholm suburbs', European Journal of Education, no. 48, pp. 419–35.

Drummond, M.J. and Hart, S. (2013) 'An alternative approach to school development: the children are the evidence', Forum, no. 55, pp. 121–32.

Florian, L. (2013) 'Preparing teachers to work with everybody: a curricular approach to the reform of teacher education', Forum, no. 55, pp. 95–101.

Gutierrez, K. and Correa-Chavez, M. (2006) 'What to do about culture?' Lifelong Learning in Europe, vol. 11, no. 3, pp. 152–9.

Kholofelo, C.M. and Frempong, G. (2014) 'The lived experiences of orphaned learners in South Africa: implications for the provision of quality education', International Journal of Inclusive Education, vol. 18, no. 7, pp. 686–97.

Liasidou, A. (2013) 'Bilingual and special educational needs in inclusive classrooms: some critical and pedagogic considerations', Support for Learning, vol. 28, no. 1, pp. 11–16.

Miles, S. and Singal, N. (2010) 'The education for all and inclusive education debate: conflict, contradictions or opportunities', International Journal of Inclusive Education, vol. 14, no. 1, pp. 1–15.

Tetler, S. and Baltzer, K. (2011) 'The climate of inclusive classrooms: the pupil perspective', London Review of Education, vol. 9, no. 3, pp. 333–44.

United Nations (1989) The United Nations Convention on the Rights of the Child. Available from: http://www.unicef.org.uk/Documents/Publication-pdfs/UNCRC_PRESS200910web.pdf (accessed 16 October 2014).

## Acknowledgements

Except for third party materials and otherwise stated below, this content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/). The material acknowledged below is Proprietary and used under licence for this project, and not subject to the Creative Commons Licence. This means that this material may only be used unadapted within the TESSIndia project and not in any subsequent OER versions. This includes the use of the TESS-India, OU and UKAID logos.

Grateful acknowledgement is made to the following sources for permission to reproduce the material in this unit:

Figure 1: © The Open University

Figure 2: cartoon, © unknown.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.